୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक


Vol.26 . No.127 Bhubaneswar Sunday June 23 2024 | ୨୬ତମ ବର୍ଷ ସଂଖ୍ୟା-୧୨୭ ଭୁବନେଶ୍ୱର, ରବିବାର, ଜୁନ ୨୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## କେନ୍ଦ୍ର ପାଖରେ ଦାବି ରଖିଲା ଓଡିଶା: ସମ୍ବଲପୁରରେ ଦ୍ୱିତୀୟ ଏମସ୍, ସୁଭଦ୍ରା ଯୋଜନା ପାଇଁ ସହାୟତା

ଭୁବନେଶ୍ୱର, ୨୨।୬(ପି.ଏନ): ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ସମ୍ବଲପୁରରେ ଦ୍ୱିତୀୟ ଏମସ୍ (ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ) ସ୍ଥାପନ ପାଇଁ ଆଜି କେନ୍ଦ୍ର ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଛନ୍ତି । ଏହାସହିତ ଚଳିତ ନିର୍ବାଚନରେ ଗେମଚେଞ୍ଜର 'ସୁଭଦ୍ରା ଯୋଜନା'କୁ କାର୍ଯ୍ୟକାରୀ ପାଇଁ ଆଂଶିକ ସହାୟତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସର୍ବନିମ୍ନ ୫ଲକ୍ଷ ଘର ଯୋଗାଇ ଦେବାକୁ ଓଡିଶା ଦାବି ଉପସ୍ଥାପନ କରିଛି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ କେନ୍ଦ୍ର ସରକାରଙ୍କ ପାଖରେ ଏହା ଓଡିଶାର ପ୍ରଥମ ଦାବି ।ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ଯୋଗ ଦେଇ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓଡିଶା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି । ଏହି ବୈଠକରେ ଓଡିଶାର ଅର୍ଥ ସଚିବ ମଧ୍ୟ ସାମିଲ ହୋଇଥିଲେ । ଓଡିଶା ସରକାରଙ୍କ ପକ୍ଷରୁ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗଙ୍କୁ ନେଇ ଏକ ଲିଖିତ ସ୍ମାରକପତ୍ର ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।




### ନିଟ ବିବାଦ:ଏନଟିଏ ମୁଖ୍ୟ ସୁବୋଧ ବିଦା, ପ୍ରଦୀପଙ୍କୁ ମିଳିଲା ଦାୟିତ୍ୱ



ଭୁବନେଶ୍ୱର, ୨୨।୬(ପି.ଏନ): ପେପର ଲିକ ବିବାଦକୁ ନେଇ ବିବାଦରେ ଥିବା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (NTA)ର ମୁଖ୍ୟଙ୍କୁ ଆଜି ପଦରୁ ବିଦା କରିଛନ୍ତି କେନ୍ଦ୍ର ସରକାର। ସୁବୋଧ କୁମାର ସିଂହ ଏନଟିଏର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ନିଟ ପରୀକ୍ଷାର ପ୍ରଶ୍ନପତ୍ର ଲିକ ଓ ଏକାଧିକ ଜାତୀୟସ୍ତରର ପରୀକ୍ଷାରେ ଅନିୟମିତତା ଅଭିଯୋଗ ପରେ କେନ୍ଦ୍ର ସରକାର ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ନିଟ ବିବାଦ: ଇସ୍‌ରୋ ଓ ଏମ୍ସର ପୂର୍ବତନ ମୁଖ୍ୟଙ୍କୁ ନେଇ ଗଠନ ହେଲା ୭ ଜଣିଆ କମିଟି

ଭୁବନେଶ୍ୱର, ୨୨।୬(ପି.ଏନ): ନିଟ ପେପର ଲିକ ଘଟଣାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ଆଜି ଶିକ୍ଷା ମନ୍ତ୍ରଣାଳୟ ଗୋଟିଏ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛି। ସ୍ୱଚ୍ଛ, ନିରପେକ୍ଷ ଓ ସରଳ ଭାବେ ବିଭିନ୍ନ ଜାତୀୟ ସ୍ତରୀୟ ପରୀକ୍ଷା ପାଇଁ ମନ୍ତ୍ରଣାଳୟ ଏପରି ଏକ କମିଟି ଗଠନ କରିଛି। ଏହି କମିଟି ପରୀକ୍ଷା ପ୍ରକ୍ରିୟାରେ ଉନ୍ନତି ଆଣିବା, ଡାଟା ସୁରକ୍ଷା ପ୍ରୋଟୋକଲ୍ ଓ ଏନଟିଏ ଢାଞ୍ଚାରେ ଉନ୍ନତି ଆଣିବା ଆଦି ଉପରେ କାର୍ଯ୍ୟ କରିବ। ଏନେଇ କେନ୍ଦ୍ରକୁ କମିଟି ପକ୍ଷରୁ ବିଭିନ୍ନ ପ୍ରକାରର ପ୍ରସ୍ତାବ ଦିଆଯିବ। କେନ୍ଦ୍ର ସରକାର ଖୁବଶୀଘ୍ର ଏପରି ଏକ କମିଟି ଗଠନ କରିବାକୁ ଯାଉଥିବା ଗୁରୁବାର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। ଆଜି ଶିକ୍ଷା ମନ୍ତ୍ରଣାଳୟ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରିଛି। କମିଟି ପକ୍ଷରୁ ଆସନ୍ତା ୨ ମାସ ମଧ୍ୟରେ ପରୀକ୍ଷା ପ୍ରକ୍ରିୟାର ସଂସ୍କାର ନେଇ ଗୋଟିଏ ରିପୋର୍ଟ ଶିକ୍ଷା ମନ୍ତ୍ରଣାଳୟରେ ଦାଖଲ କରାଯିବ।




## ରତ୍ନ ସିଂହାସନରୁ ସ୍ନାନମଣ୍ଡପକୁ ବିରାଜିଲେ ଚତୁର୍ଦ୍ଧାମୂର୍ତ୍ତି; ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବେ ଶ୍ରୀଜିଉ

ପୁରୀ, ୨୨।୬(ପି.ଏନ): ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବେ ଚତୁର୍ଦ୍ଧାମୂର୍ତ୍ତି । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗଜ ବେଶରେ ଦେଖି ବିମୋହିତ ହେବେ ଶ୍ରଦ୍ଧାଳୁ। ରାତି ପାହିଲେ ଶ୍ରଦ୍ଧାଳୁମାନେ ଏହି ଦିବ୍ୟ ଅନୁଭୂତି ପାଇବା ପାଇଁ ବ୍ୟାକୁଳ ହୋଇ ଚାହିଁ ବସିଛନ୍ତି । ଏଣୁ ସ୍ନାନ ମଣ୍ଡପ ଓ ବଡଦାଣ୍ଡ ସଜେଇ ହେବାରେ ଲାଗିଛି । ସ୍ନାନ ମଣ୍ଡପକୁ ଚିତ୍ରକରମାନେ ପାରମ୍ପରିକ ରଙ୍ଗରେ ସୁସଜ୍ଜିତ କରିଛନ୍ତି । ମାର୍କେଟ ଛକରୁ ଦର୍ଶନାର୍ଥୀଙ୍କ ପାଇଁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି । ଭୋର୍ ୫ଟାରୁ ପହଣ୍ଡି, ୩ଟା ୪୦ରୁ ଗଜବେଶ। ରାତି ସାଢେ ୭ରୁ ସାଢ଼େ ୧୦ଟା ସାହାଣ ମେଳା ଦର୍ଶନ । ରାତି ୧୧ରେ ବେଶ ଓଲାଗି, ସାଢେ ୧୧ରୁ ବାହୁଡା ପହଣ୍ଡି । ଶ୍ରୀ ବଳଭଦ୍ରଙ୍କ ପାଇଁ ଧଳା ରଙ୍ଗର ବେଶ ପ୍ରସ୍ତୁତ କରାଯାଇଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ କଳା ରଙ୍ଗର ବେଶ ପ୍ରସ୍ତୁତ କରାଯାଉଛି । ଠାକୁରଙ୍କ ଶ୍ରୀ ମସ୍ତକ ପାଇଁ ତରାସ ଓ ତାର ନିମ୍ନ ଅଂଶ ପାଇଁ ଡାଳି ନିର୍ମାଣ ହୋଇଛି । ମୁଖାରବିନ୍ଦରେ କିଆ ଫଳି ଲାଗି କରାଯିବ । ଚନ୍ଦ୍ରସୂର୍ଯ୍ୟ, ଛତି, କାନ, ଚିତା, ଥୋଡହସ୍ତ, ଅଧର, ତୋରନା ଓ ଗଜକୁମ୍ଭ ମଧ୍ୟ ତିଆରି କରାଯାଇଛି । ଦେବୀ ସୁଭଦ୍ରାଙ୍କ ପାଇଁ ଦୁଇଟି ତଡକି, ନାକୁଆସି, ତରାସ, ଛତି ଓ ଚୁଳ ଏବଂ ଚିତା ଆଦି ବେଶ ପ୍ରସ୍ତୁତ କରାଯାଇଛି । ସେହିପରି ମହାପ୍ରଭୁ ସୁଦର୍ଶନଙ୍କ ପାଇଁ ସବୁଜ ରଙ୍ଗର ପତ୍ର, ଚୂଳ ଓ ଓଳାର ତିଆରି କରାଯାଉଛି । ପଟୁଆରରେ ବେଶ ବିଜେ ହୋଇ ସ୍ନାନ ମଣ୍ଡପରେ ଠାକୁରଙ୍କ ବେଶ ଅନୁଷ୍ଠିତ ହେବ । ଏଥିନେଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଟ୍ରାଫିକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଭିଡ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପାଇଁ ୬୮ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। ୪୪୭ ପୁଲିସ ଅଧିକାରୀ, ୫୯୪ ହୋମଗାର୍ଡ, ୪ଶହରୁ ଅଧିକ କନେଷ୍ଟବଳଙ୍କୁ ନିୟୋଜିତ କରାଯାଇଛି।



## ଡ୍ରେନ ଖୋଳୁଥିବା ସମୟରେ ମାଡିବସିଲା କାନ୍ଥ, ଚାଲିଗଲା ଦମ୍ପତିଙ୍କ ଜୀବନ

ସୁବର୍ଣ୍ଣପୁର, ୨୨।୬(ପି.ଏନ): ଡ୍ରେନ ଖୋଳୁଥିବା ସମୟରେ ମାଡିବସିଲା କାନ୍ଥ, ୨ ଶ୍ରମିକ ମୃତ। ଏଭଳି ଦୁର୍ଘଟଣା ଘଟିଛି ସୋନପୁର ସହର ଗ୍ରୀଡ କଲୋନୀରେ।କ୍ଷ ମୃତ ଦୁଇ ଶ୍ରମିକ ପତିପତ୍ନୀ ହୋଇଥବାବେଳ ସେମାନେ ସୁବଳୟା ଥାନା ବଡଖମର ପଞ୍ଚାୟତ ଅନ୍ତର୍ଗତ ରାଧାପୁର ଗାଁର ମନୁ ମିର୍ଦ୍ଧା ଏବଂ ତାଙ୍କ ପତ୍ନୀ ଦୁଲ୍ଲଭ ମିର୍ଦ୍ଧା ବୋଲି ଜଣାପଡିଛି ।ସୋନପୁର ଗ୍ରୀଡ କଲୋନୀରେ ଯାଇଥିବା ଡ୍ରେନକୁ ସଫା କରିବାକୁ ଯାଇଥିବା ସମୟରେ ପାଖ କାନ୍ଥଟି ସେମାନଙ୍କ ଉପରେ ପଡିଯାଇଥିଲା। ଫଳରେ କାମ ଡ୍ରେନ ତଳେ ଚାପି ହୋଇଯାଇଥିଲେ ଉଭୟ ପତି ପତ୍ନୀ। ଖବର ପାଇ ଦମକଳ ବାହିନୀ କର୍ମକର୍ତ୍ତା ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିବାବେଳେ ଆମ୍ବୁଲାନ୍ସ ସାହାଯ୍ୟରେ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି ।ଖବର ପାଇ ବୀରମହାରାଜପୁର ବିଧାୟକ ସୋନପୁର ମୁଖ୍ୟ ଡାକ୍ତରଖାନରେ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।



## ସାରା ଓଡିଶାରେ ମୌସୁମୀର ଆଗମନ: ଆଗାମୀ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୨।୬(ପି.ଏନ): ମାଲକାନାଗିରିକୁ ଅତିକ୍ରମ କରି ସାରା ଓଡିଶାରେ ପାଦ ଥାପିଛି ମୌସୁମୀ ବାୟୁ । ଅନୁକୂଳ ପାଗ ହେବା ପରେ ସକ୍ରିୟ ହୋଇଉଠିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଏହାସହିତ ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ମୌସୁମୀ ବାୟୁ ପ୍ରବେଶ କରିଛି । ତେବେ ଏହି ମୌସୁମୀ ବାୟୁ ୨୪ଟି ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବରେ ଛୁଇଥିବା ବେଳେ ୬ଟି ଜିଲ୍ଲାରେ ଆଂଶିକ ଭାବରେ ପ୍ରବେଶ କରିପାରିଛି । ଗତ ୨୪ ଘଣ୍ଟା ମଧ୍ୟରେ ମୌସୁମୀର ଆଗମନ ଫଳରେ ବିଭିନ୍ନ ସ୍ଥନରେ ଲଗାଣ ବର୍ଷା ଜାରି ରହିଛି । ଫଳରେ ଅସହ୍ୟ ଗରମରୁ ମୁକ୍ତି ପାଇଛି ସାରା ଓଡିଶା । ତେବେ ଏହି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ୨୪ଟି ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବରେ ପ୍ରବେଶ କରିଥିବା ପାଣିପାଗ ସୂଚନା ଦେଇଛି । ତେବେ ୬ ଟି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ମୌସୁମୀ ସଠିକ ଭାବରେ ପହଞ୍ଚି ପାରିନାହିଁ ।ଏହି ତାଲିକାରେ ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର ସମେତ ବାଲେଶ୍ୱର ଏବଂ ସମ୍ବଲପୁରର ମଧ୍ୟ ମୌସୁମୀ ସମ୍ପୂର୍ଣ୍ଣ ପହଞ୍ଚି ପାରିନାହିଁ । ଆସନ୍ତା ୨୪ ତାରିଖ ସୁଦ୍ଧା ଏହି ସବୁ ଜିଲ୍ଲାରେ ମଧ୍ୟ ପ୍ରବେଶ କରିବ ମୌସୁମୀ ବାୟୁ । ତେବେ ଆସନ୍ତା ୨୬ ତାରିଖରୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଅନୁମାନ କରାଯାଉଛି । ଏହାପରେ ୨୭-୨୮ ତାରିଖ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବାକୁ ଥିବା ବେଳେ ୨୭ରେ ଦକ୍ଷିଣ ଓଡିଶା ଏବଂ ୨୮ରୁ ଉତ୍ତର ଓଡିଶାରେ ପ୍ରବଳ ବର୍ଷା ହୋଇପାରେ ।ମୌସୁମୀ ପ୍ରଭାବରେ ଶୁକ୍ରବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇଛି । ଖୋର୍ଦ୍ଧାରେ ସର୍ବାଧିକ ୬୫ ମିଲିମିଟର ବର୍ଷା ହୋଇଛି । ତେବେ ସନ୍ଧ୍ୟା ସୁଦ୍ଧା ରାଉରକେଲାରେ ୫୬ ମିମି, ଦାରିଙ୍ଗିବାଡିରେ ୩୮, ତାଳଚେରରେ ୩୫, ସୋନପୁରରେ ୨୪.୮, ବୌଦ୍ଧରେ ୨୩, ପାରାଦୀପରେ ୧୮, ଟିଟିଲାଗଡରେ ୧୬.୨, ଢେଙ୍କାନାଳରେ ୧୫.୨, ଫୁଲବାଣୀରେ ୫.୮, ଭୁବନେଶ୍ୱରରେ ୬.୩, ଗୋପାଳପୁରରେ ୩ ମିମି ବର୍ଷା ହୋଇଛି । ତେବେ ୨୪ ଘଣ୍ଟା ଭିତରେ ତାଳଚେରରେ ସର୍ବାଧିକ ୧୦୮ ମି.ମି ଏବଂ ବରଗଡରେ ୪୮.୮ ମି.ମି ବର୍ଷା ରେକର୍ଡ କରାଯାଇଛି ।



## ଅଚ୍ୟୁତ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର, ୨୨।୬: କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍‌ନିକାଲ୍ ଏଜୁକେସନ୍ (ଆଇଏସଟିଇ)ର ୫୩ତମ ଜାତୀୟ ବାର୍ଷିକ ସମ୍ମିଳନୀରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଆଇଏସଟିଇର କାର୍ଯ୍ୟକାରୀ ସମ୍ପାଦକ ଡ଼.ଏସ୍.ଏମ୍.ଅଲ୍ଲୀ ଏବଂ କୋଷାଧ୍ୟକ୍ଷ ପ୍ରଫେସର ଜି. ମାଲାସେଠୀଙ୍କ ଉପସ୍ଥିତିରେ ଆଇଏସଟିଇର ସଭାପତି ପ୍ରଫେସର ପ୍ରତାପ ସିଂ କାକାସାହେବ ଦେଶାଇ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। ଏହାଛଡ଼ା ସବୁଜ ପ୍ରୟାସ ନିମନ୍ତେ କିଟ୍‌କୁ ମଧ୍ୟ ଆଇଏସଟିଇ ଜାତୀୟ ଶ୍ରେଷ୍ଠ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଶ୍ରେଷ୍ଠ ପ୍ରଶାସକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କୁ ଆଇଏସଟିଇ ଜାତୀୟ ଶ୍ରେଷ୍ଠ ପ୍ରଶାସକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ସାମନ୍ତ କହିଲେ, କୌଣସି ବ୍ୟକ୍ତି ନିଷ୍ଠାର ସହ କୌଣସି ଭଲକାମ କଲେ ତାଙ୍କୁ ଯଦି ଉତ୍ସାହିତ ଓ ପ୍ରଶଂସା କରାଯାଏ ତେବେ ସେହି ବ୍ୟକ୍ତିଙ୍କୁ ଭରପୂର ଆନନ୍ଦ ମିଳିଥାଏ। ଏହି ସମ୍ମାନ ଦିଆଯାଇଥିବାରୁ ଶ୍ରୀ ସାମନ୍ତ ତେଣୁ ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ଆଇଏସଟିଇର ଦୁଇଦିନିଆ ୫୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହି ସମ୍ମିଳନୀର ବିଷୟବସ୍ତୁ 'ବିକଶିତ ଭାରତ ୨୦୪୭: ଉଚ୍ଚଶିକ୍ଷା ସହ ସମନ୍ୱୟ' ରଖାଯାଇଛି । ଏହି ସମ୍ମିଳନୀରେ ଦେଶର ବହୁ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାବିତ୍ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରାଯାଇ ସଂସ୍କାର ଅଣାଯାଇପାରିବ ଏବଂ ଉଚ୍ଚ ଶିକ୍ଷା ସହ ସମନ୍ୱୟ ରକ୍ଷା କରାଯାଇ କିପରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରାଯାଇପାରିବ ସେ ନେଇ ବ୍ୟାପକ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ଼. ପି.କେ. ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫ଜଣ ବିଶିଷ୍ଟ ବୈଷୟିକ ଶିକ୍ଷାବିତ୍ ଆଇଆଇଟି, ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଙ୍ଗନ୍ ବାନାର୍ଜୀ, ଅବସରପ୍ରାପ୍ତ ମେଜର ଜେନେରାଲ୍ ମହେଶ କୁମାର ହାଡ଼ା, ଏଆଇସିଟିଇ ପରାମର୍ଶଦାତା ପ୍ରଫେସର ରାଜେନ୍ଦ୍ର ବଳିରାମ କାକଡ଼େ, ବିଶ୍ୱେଶରାୟ ବୈଷୟିକ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ବାସବାରାଜ ଗାଡ୍‌ଗେ, ବିହାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବରିଷ୍ଠ ପରାମର୍ଶଦାତା ଡ. ଅନିଲ କୁମାରଙ୍କୁ ଆଇଏସଟିଇ ଫେଲୋସିପ୍ ପ୍ରଦାନ କରାଯାଇଥିଲା।




## ବାଣ ଗୋଦାମରେ ବିସ୍ଫୋରଣ, ଜିଅନ୍ତା ଜଳିଗଲେ ବାଣ ବ୍ୟବସାୟୀ

ବେତନଟୀ ସଦର୨୨।୬(ପି.ଏନ): ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ମହୁଲପାଟଣା ଗାଁରେ ଶନିବାର ଅପରାହ୍ନ ୨ଟା ପାଖାପାଖି ସମୟରେ ବାଣଗୋଦାମରେ ବିସ୍ଫୋରଣ ଘଟି ଜନୈକ ବାଣ ବ୍ୟବସାୟୀଙ୍କର ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଗ୍ରାମର ସ୍ୱର୍ଗତ ବଂଶୀଧର ପଲେଇଙ୍କ ୫୬ବର୍ଷୀୟ ପୁଅ ବାଦଲ ଓରଫ ଖଗେଶ୍ୱର ପଲେଇ । ଖଗେଶ୍ୱର ବାଣ ବ୍ୟବସାୟ କରୁଥିବା ବେଳେ ନିଜ ଗୃହ ନିକଟସ୍ଥ ଏକ ଅସ୍ଥାୟୀ ଆଜବେଷ୍ଟସ ତିଆରି ବାଣ ଗୋଦାମରେ ଆସନ୍ତାକାଲି ତାଙ୍କର ଏକ ବାହାଘରିଆ ଅର୍ଡର ମୁତାବକ ବାଣ ପ୍ରସ୍ତୁତ କରୁଥିବାବେଳେ ଅପରାହ୍ନ ୨ଟା ପାଖାପାଖି ସମୟରେ ହଠାତ ବିସ୍ଫୋରଣ ଘଟିଥିଲା । ପ୍ରାଥମିକ ତଦନ୍ତରୁ ବାଣ ଭିଡୁଥିବାବେଳେ କୌଣସି କାରଣବଶତଃ ଆକସ୍ମିକ ଅଗ୍ନିକାଣ୍ଡ ଘଟି ବାଣ, ବାରୁଦ ସମେତ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ଥିବା ଅସ୍ଥାୟୀଘରେ ବିସ୍ଫୋରଣ ଘଟିଥିଲା । ପ୍ରଚଣ୍ଡ ବିସ୍ଫୋରଣରେ ପୁରା ଗାଁ ଥରି ଉଠିଥିବା ବେଳେ ସ୍ଥିତି ଅନୁଧ୍ୟାନ ପାଇଁ ସମସ୍ତେ ଘଟଣାସ୍ଥଳକୁ ଦୌଡି ଯାଇଥିଲେ । ସେଠାରେ ଖଗେଶ୍ୱରଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ବେଳେ ଅସ୍ଥାୟୀ ଘରର ଛପର ଉଡି ଯାଇଥିଲା । ବେତନଟୀ ଅଗ୍ନିଶମ ବିଭାଗ ସମେତ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।



## ବିଷାକ୍ତ ମଦ ପିଇ ଗଲାଣି ୫୫ ଜଣଙ୍କ ଜୀବନ, ମୁଖ୍ୟ ଯୋଗାଣକାରୀ ଗିରଫ

ଭୁବନେଶ୍ୱର, ୨୨।୬(ପି.ଏନ): ତାମିଲନାଡୁ ମଦ ମୃତ୍ୟୁ ମାମଲାରେ ସନ୍ଦିଗ୍ଧ ମୁଖ୍ୟ ଯୋଗାଣକାରୀ ଗିରଫ। ଆଜି ପୁଲିସ ଜଣେ ମୁଖ୍ୟ ଯୋଗାଣକାରୀକୁ ଗିରଫ କରିଛି। ପୁଲିସ କହିଛି ଯେ, ଗିରଫ ଚିନ୍ନାଦୁରାଇ କରୁଣାପୁରମ ଗାଁକୁ ବିଷାକ୍ତ ମଦ ଯୋଗାଣର ମୁଖ୍ୟ ସନ୍ଦିଗ୍ଧ ।ପ୍ରକାଶ ଥାଉକି, ରାଜ୍ୟର କାଲ୍ଲାକୁରିଚି ଜିଲ୍ଲାରେ ବିଷାକ୍ତ ମଦ ମୃତ୍ୟୁ ମାମଲା ହାହାକାର ସୃଷ୍ଟି କରିଛି। ବର୍ତ୍ତମାନ ସୁଦ୍ଧା ବିଷାକ୍ତ ମଦ ପିଇ ୫୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଲୋକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।ଗତକାଲି ସରକାରୀ ସ୍ତରରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, ବିଷାକ୍ତ ମଦ ପିଇ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ତିନି ଜଣ ସୁସ୍ଥ ହୋଇଯାଇଛନ୍ତି। କିନ୍ତୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।












# ଟି ଟାଇମ୍



## ଜୋକ୍ସ

ରାମୁ ରୋହିତ୍‌କୁ କହିଲା: ତତେ ପହଁରିବା ଆସେ।

ରୋହିତ: ନା ଆସେନି।

ରାମୁ: ତୋଠୁ ତ ମୋ କୁକୁର ଭଲ, ସେ ପହଁରି ପାରୁଛି।

ରୋହିତ୍: ତତେ ପହଁରିବା ଆସୁଛି ?

ରାମୁଁ : ହଁ

ରୋହିତ୍: ତାହେଲେ ତୋ କୁକୁର ଆଉ ତୋ ଭିତରେ ଫରକ କ'ଣ ରହିଲା।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି। ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ। ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ। ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ। ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ। ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା। ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ। ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ। ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ। ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି। ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ। ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ। ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଚାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାସ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ। କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି।




# ଶ୍ରୀଲଙ୍କାର ଶଙ୍କରୀ ଦେବୀ ଶକ୍ତିପୀଠ

ଶ୍ରୀଲଙ୍କାର ଶଙ୍କରୀ ଦେବୀ ମନ୍ଦିର ବା ଶକ୍ତିପୀଠ ହିନ୍ଦୁ ମାନଙ୍କର ବିଶେଷତଃ ତାମିଲ ଭାଷୀ ହିନ୍ଦୁ ମାନଙ୍କର ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ବିନ୍ଦୁ ହୋଇ ରହିଛି। ଏହି ମନ୍ଦିର ଶ୍ରୀଲଙ୍କାର ରାଜଧାନୀ କୋଲମ୍ବ ଠାରୁ ୨୫୦ କିଲୋମିଟର ଦୂର ତ୍ରିକୋଣମାଳି ନାମକ ସ୍ଥାନରେ ଅବସ୍ଥିତ। ତ୍ରିକୋଣମାଳିକୁ ଆସୁଥିବା ଲୋକ ମାନେ ଏହି ସ୍ଥାନକୁ ଶାନ୍ତିର ସ୍ୱର୍ଗ ବୋଲି କହିଥାନ୍ତି। ଏହି ମନ୍ଦିର ତ୍ରିକୋଣମାଳି ଜିଲ୍ଲାର ଏକ ଲକ୍ଷ ହିନ୍ଦୁ ମାନଙ୍କର ଆସ୍ଥାର ମଧ୍ୟ କେନ୍ଦ୍ର ଅଟେ। ଚୈତ୍ର ଓ ଆଶ୍ୱିନ ଉଭୟ ନବରାତ୍ର ଉତ୍ସବ ସମୟରେ ଏଠାରେ ବିଭିନ୍ନ ପ୍ରକାରର ପୂଜା ଓ ଉତ୍ସବ ଧୂମଧାମ୍‌ରେ ପାଳନ କରାଯାଏ। ଏହି ପବିତ୍ର ଉତ୍ସବରେ ଶ୍ରୀଲଙ୍କା ବ୍ୟତୀତ ଭାରତ(ବିଶେଷତଃ ତାମିଲନାଡୁ)ଅଂଚଳରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ନବରାତ୍ର ଉତ୍ସବ ସମୟରେ ଏଠାକୁ ପ୍ରତିଦିନ ଆସୁଥିବା ଲୋକଙ୍କ ସଂଖ୍ୟା ୫ ଶହରୁ ଏକ ହଜାର ମଧ୍ୟରେ ରହିଥାଏ। କିନ୍ତୁ ମାତାଙ୍କର ଅଷ୍ଟମୀ ଓ ନବମୀ ଉତ୍ସବରେ ଭିଡ଼ ବହୁ ସଂଖ୍ୟାରେ ଦେଖିବାକୁ ମିଳିଥାଏ।

ଏହି ଶକ୍ତିପୀଠ ସଂପର୍କରେ ଅନେକ ଚମକପ୍ରଦ କାହାଣୀ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ







ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ଭଗବାନ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ତେବେ କୌଣସି ପ୍ରକାର ଭଗବାନ ଶିବ ମାତା ସତୀଙ୍କୁ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷ ରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା) ଠାରେ ଏକ ଯଜ୍ଞର ଆୟୋଜନ କଲେ। ମାତ୍ର ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷରାଜ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ମାତା ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା



ବ୍ରହ୍ମାଣ୍ଡ ପ୍ରକମ୍ପିତ ହେଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ମାତା ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି।

ତେବେ ଏହି ଶକ୍ତିପୀଠ ଗୁଡ଼ିକ ମଧ୍ୟରେ ମାତା ସତୀଙ୍କର ପେଟ ଓ ଜଙ୍ଘର ମଧ୍ୟ ଅଂଶ ଖଣ୍ଡ ଶ୍ରୀଲଙ୍କାର ତ୍ରିକୋଣମାଳି ଠାରେ ପଡ଼ିଥିଲା। ସେଥିପାଇଁ ଏହି ମନ୍ଦିରକୁ ଶକ୍ତିପୀଠର ମାନ୍ୟତା ମିଳିଛି। ମାତ୍ର କେତେକ ପୁରାଣ ଶାସ୍ତ୍ରରେ ଏଠାରେ ମାତାଙ୍କର ଗଳା ଓ ନୂପୁର ପଡ଼ିଥିବା ଉଲ୍ଲେଖ ରହିଛି। ଏହି ଶକ୍ତିପୀଠରେ ମାତା ଇନ୍ଦ୍ରାଣୀଙ୍କୁ ଶକ୍ତି ତଥା ରାକ୍ଷସେଶ୍ୱରଙ୍କୁ ଭୈରବ ରୂପରେ ପୂଜା କରାଯାଏ। ତେବେ ଶଙ୍କରୀ ଦେବୀ ମନ୍ଦିରକୁ ସ୍ୱୟଂ ରାବଣ ପ୍ରତିଷ୍ଠା କରିଥିବା କୁହାଯାଏ। ଏଠାରେ ଭଗବାନ ଶିବଙ୍କର ମନ୍ଦିର ମଧ୍ୟ ରହିଛି।, ଯାହାଙ୍କୁ ତ୍ରିକୋଣେଶ୍ୱର ବା କୋଣେଶ୍ୱରମ୍ ମଧ୍ୟ କୁହାଯାଏ। ଏଥିଯୋଗୁ ଏହି ସ୍ଥାନରେ ଭଗବାନ ଶିବ ଓ ଶକ୍ତିଙ୍କର ପୂଜା



କରାଯାଏ। ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସୃଷ୍ଟି ୧୮ ଟି ମହାଶକ୍ତି ପୀଠ ମଧ୍ୟରେ ଏହା ଅନ୍ୟତମ।

ଇତିହାସରେ ମାତା ଶଙ୍କରୀ ଦେବୀ ମନ୍ଦିର ବା ଶକ୍ତିପୀଠ ଉପରେ ଅନେକ ଥର ଆକ୍ରମଣ ହୋଇଛି। ଯେଉଥିପାଇଁ ମନ୍ଦିରର ସ୍ୱରୂପ ବାରମ୍ବାର ବଦଳିଛି। କିନ୍ତୁ ଦେବୀଙ୍କ ମୂଳ ପ୍ରତିମା ପ୍ରତ୍ୟେକ ଥର ସୁରକ୍ଷିତ ଭାବେ ରଖା ଯାଇ ପାରିଛି। ଚୋଲ ଓ ପଲ୍ଲବ ରାଜା ମାନେ ଏହି ମନ୍ଦିରର ଉନ୍ନତି ପାଇଁ ବହୁତ କାର୍ଯ୍ୟ କରିଛନ୍ତି। କିନ୍ତୁ ୧୭ ଶତାବ୍ଦୀରେ ପର୍ତ୍ତୁଗାଲୀ ଆକ୍ରମଣକାରୀ ମାନେ ଏହି ଭବ୍ୟ ମନ୍ଦିରକୁ ଧ୍ୱଂସ କରି ଦେଇଥିଲେ। ଏପରିକି ମନ୍ଦିରର ଏକମାତ୍ର ସ୍ତମ୍ଭ ବ୍ୟତୀତ ଆଉ କିଛି ନଥିଲା। ସ୍ଥାନୀୟ ଲୋକ ମାନଙ୍କ କହିବା ଅନୁଯାୟୀ ଦକ୍ଷିଣ ଭାରତର ତାମିଲ ଚୋଲ ରାଜା କୁଲାକୋଟନ୍ ଏହି ମନ୍ଦିର ବା ଶକ୍ତିପୀଠର ଉଦ୍ଧାର କରିଥିଲେ। ତେବେ ୧୯୫୨ ମସିହାରେ ଶ୍ରୀଲଙ୍କାରେ ରହୁଥିବା ତାମିଲ ହିନ୍ଦୁ ମାନେ ବର୍ତ୍ତମାନର ଏହି ମନ୍ଦିରକୁ ନୂଆ ରୂପରେ ସ୍ଥାପିତ କରିଛନ୍ତି।



# ଜାତୀୟ ନିର୍ବାଚନ କମିଶନ

ଆଇନ ସହିତ ସବୁବେଳେ ନିର୍ବାଚନ ବେଳେ ଲୁଚୁକାଳି ଖେଳ ଖେଳିବାକୁ ଚେଷ୍ଟା କରୁଥିବା ଆମର ରାଜନେତାଙ୍କ ପାଇଁ ସମ୍ବିଧାନ ନିର୍ବାଚନ କମିଶନ ନାମକ ଶକ୍ତିଶାଳୀ ଛାଟର ବ୍ୟବସ୍ଥା ରଖିଯାଇଛି । ନେତା ଯେତେ ଶକ୍ତିଶାଳୀ ହୁଅନ୍ତୁ, ଆଇନକୁ ଫାଙ୍କିବାକୁ ଯେତେ କଳା କୌଶଳ ଆବିଷ୍କାର କରନ୍ତୁ; ଏକ ଦୃଢ କମିଶନ ଆଗରେ ସେମାନେ କିପରି ମୂଷିକ ଅବତାର ହୋଇଯାଆନ୍ତି ତାହା ଆମର ପୂର୍ବତନ ନିର୍ବାଚନ କମିଶନର ଟିଏନ ଶେଷାନ ପ୍ରମାଣ କରିଯାଇଛନ୍ତି । କମିଶନ ଏକ ସାମ୍ବିଧାନିକ ସ୍ୱୟଂ କ୍ଷମତାପ୍ରାପ୍ତ ପଦବୀ ବା ଅନୁଷ୍ଠାନ । ସମ୍ବିଧାନର ୩୨୪ ଧାରା ଓ ଭାରତୀୟ ଲୋକ ପ୍ରତିନିଧି ଆଇନ ଦ୍ୱାରା ଏହା ସୃଷ୍ଟି ହୋଇଚି । ଅନ୍ୟ ସାମ୍ବିଧାନିକ ଅନୁଷ୍ଠାନ, ନ୍ୟାୟିକ ସଂଗଠନ (ସୁପ୍ରିମ କୋର୍ଟ, ଲୋକସେବା ଆୟୋଗ ଓ କଂପଟ୍ରୋଲର ଆଣ୍ଡ ଅଡିଟରଙ୍କ ଭଳି ସଂପୂର୍ଣ୍ଣ ସ୍ୱାଧିନ ଓ ନିରପେକ୍ଷ ଭାବରେ କାର୍ଯ୍ୟ କରିବାର ସାମ୍ବିଧାନିକ କ୍ଷମତା ପାଇଛନ୍ତି ।୧୯୫୦ ମସିହା ଜାନୁଆରି ୨୫ ତାରିଖ ଦିନ ଆୟୋଗ କାର୍ଯ୍ୟକ୍ଷମ ହେଲା । ସୁକୁମାର ସେନ ପ୍ରଥମ କମିଶନ ରୂପେ ନିଯୁକ୍ତ ହେଲେ । ସୁସିଳ ଚନ୍ଦ୍ର ବର୍ତମାନ ମୁଖ୍ୟ କମିଶନ ଅଛନ୍ତି । ଭାରତରେ ହେଉଥିବା ସମସ୍ତ ନିର୍ବାଚନ ଯଥା ପ୍ରେସିଡେଂଟ, ଭାଇସ ପ୍ରେସିଡେଂଟ, ଲୋକସଭା, ରାଜ୍ୟ ବିଧାନ ସଭା ର ନିର୍ବାଚନ କିପରି ନିରପେକ୍ଷ ଓ ଶାନ୍ତିପ୍ରର୍ଣ୍ଣ ଭାବରେ ସମାହିତ ହେବ ତା ଉପରେ ଦୃଷ୍ଟି ଦେବା କମିଶନର ଦାୟିତ୍ୱ । ନିର୍ବାଚନର ଭୋଟର ଲିଷ୍ଟ ତିଆରି କରିବା, ନିର୍ବାଚନର ଆଚରଣ ବିଧି ସଂହିତା ପ୍ରଣୟନ, ନିର୍ବାଚନ ମଣ୍ଡଳୀ ସିମା ନିର୍ଦ୍ଧାରଣ, ସଂରକ୍ଷଣ ବ୍ୟବସ୍ଥା, ବୁଥ ନିର୍ବାଚନ,ପୋଲିଙ୍ଗ କର୍ମଚାରୀ ଚୟନ,ସମସ୍ତ ନିର୍ବାଚନ ସଂପର୍କୀୟ ବିବାଦର ସମାଧାନ, ରାଜନ୍ରତିକ ଦଳ ମାନଙ୍କର ରେଜିଷ୍ଟ୍ରେସନ, ଚିହ୍ନ ପ୍ରଦାନ,ଆୟବ୍ୟୟ ହିସାବ, ନିର୍ବାଚନ ବେଳେ ଖର୍ଚ୍ଛର ଅଡିଟ ସବୁ କମିଶନଙ୍କ କ୍ଷମତା ପରିସର ଭୁକ୍ତ ଅଟେ । କମିଶନ ସୁପ୍ରିମ କୋର୍ଟ ଜଜଙ୍କ ସହ ସମାନ ଦରମା ପାଇବେ।

ମୁଖ୍ୟ କମିଶନ ପାର୍ଲିଆମେଂଟ ରେ ଉଭୟ ସଭାର ଦୁଇ ତୃତୀୟାଂଶ ମତରେ କର୍ମଚ୍ୟୁତ ହେବାର ବିଧି ଅଛି । ଅନ୍ୟ ସଭ୍ୟମାନେ ମୁଖ୍ୟ କମିଶନଙ୍କ ସୁପାରିଶରେ ପ୍ରେସିଡେଂଟଙ୍କ ଆଦେଶରେ ବହିଷ୍କୃତ ହୋଇପାରିବେ । ୧.୧.୯୦ ମସିହାରୁ ଏହାକୁ ଏକ ତିନି ଜଣିଆ କମିଶନରେ ପରିଣତ କରାଗଲା । ମୁଖ୍ୟ କମିଶନରଙ୍କ ଅଧିନରେ ଦୁଇଜଣ ସଭ୍ୟ ରହିଲେ ।୧୯୭୧ରୁ କୋଡ୍ ଅଫ କଣ୍ଡକ୍ଟକୁ ଲ' କମିଶନ ପ୍ରଣୟନ କଲେ ।

୧୯୮୯ ମସିହାରୁ ସମସ୍ତ ରାଜନୈତିକ ଦଳ ନିଜର ଆଭିମୁଖ୍ୟ ଓ ସମ୍ବିଧାନ ପ୍ରତି ଆନୁଗତ୍ୟ ଘୋଷଣା କରି ରେଜିଷ୍ଟ୍ରେସନ କରିବା ବାଧ୍ୟତାମୂଳକ କରାଗଲା । ଭୋଟରମାନଙ୍କ ସୁବିଧା ପାଇଁ କମିଶନ ଭୋଟର ପରିଚୟ ପତ୍ର ପ୍ରଚଳନ କରିଛନ୍ତି । ଅର୍ଥର ପ୍ରାଦୁର୍ଭାବ ବଢିବାରୁ ଖର୍ଚ ଅଡିଟ ପାଇଁ ଅବଜରଭର ନିଯୁକ୍ତି କରିଛନ୍ତି । ରାଜ୍ୟ ପାଇଁ ତାଙ୍କ ଅଧିନରେ ପ୍ରିନସପାଲ ସେକ୍ରେଟେରୀ ପାହ୍ୟାର ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରତି ରାଜ୍ୟ ପାଇଁ ନିଯୁକ୍ତି ପାଇଛନ୍ତି । ଜିଲ୍ଲାସ୍ତରରେ ଜିଲ୍ଲା ମାଜିଷ୍ଟ୍ରେଟ ନିର୍ବାଚନ ଅଧିକାରୀ ଅଟନ୍ତି । ନିର୍ବାଚନ ପରେ ଭୋଟ ବାକ୍ସର ସୁରକ୍ଷା, ଗଣତି ଓ ଫଳ ଘୋଷଣା କରି ବିଜୟ ସାର୍ଟିଫିକେଟ ଦେବା କମିଶନଙ୍କ ଦାୟିତ୍ୱ । କିଛିଦିନ ହେଲା ପରମ୍ପରା ବାଲଟପେପର ବଦଳରେ ଇଭିଏମ ମେସିନରେ ଇଲେକ୍ଟ୍ରୋନିକ ଭୋଟ ପ୍ରଦାନ ଅନୁସୃତ ହୋଇଆସୁଛି । ଭାରତ ଭଳି ବିଶାଳ ଦେଶରେ ସଫଳ ନିର୍ବାଚନ କରିବା ଏକ ଜଟିଳ ପ୍ରକ୍ରିୟା । ଏପର୍ଯ୍ୟନ୍ତ କମିଶନ ତାହା ସଫଳତାର ସହ ସଂପାଦନ କରି ପ୍ରଶଂସାଭାଜନ ହୋଇଛନ୍ତି । ଦିନକୁ ଦିନ ନିର୍ବାଚନ ଅଶାନ୍ତ ହୋଇପଡୁଛି । ପ୍ରତି ଦଳ ଏହାର ନିୟମକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି । ଶାସକ ଦଳ ନିଜ ପ୍ରଭାବ ଦ୍ୱାରା ଶାସନକଳକୁ ପ୍ରଭାବିତ କରୁଛନ୍ତି । ଫଳରେ ସେମାନେ କମିଶନଙ୍କ ଆଦେଶକୁ ନଶୁଣିଲା ଭଳି ରହୁଛନ୍ତି । ଅର୍ଥ, ମଦ ବାଂଟିବା, ବୁଥ ଅଧିକାର କରି ଜବରଦସ୍ତ ଭୋଟ ଦେବା, ହିଂସାକାଣ୍ଡ କରିବା ସବୁଦଳଙ୍କର ଅଭ୍ୟାସ ହେଲାଣି । ନିଜର ଚରିତ୍ର ନ ବଦଳିଲେ କମିଶନ ନିରପେକ୍ଷ ନିର୍ବାଚନ କରିବା ଅସମ୍ଭବ ହୋଇ ପଡିବ । କିଛି ବର୍ଷ ତଳେ ଟିଏନ ଶେଷାନ କମିଶନ ଥିଲାବେଳେ କଠୋର ନୀତି ଦ୍ୱାରା ସବୁ ରାଜନୈତିକ ଦଳଙ୍କ ଅବସ୍ଥା ସଙ୍ଗିନ କରିଥିଲେ । ତେଣୁ ନୀତିହୀନ ରାଜନେତାଙ୍କୁ କଠୋର ଭାବେ ବ୍ୟବହାର ନକଲେ ସେମାନେ ମୂଷା ଲୁହା ଖାଇଲା ଭଳି ଅବସ୍ଥା ସୃଷ୍ଟି କରିବେ । ବର୍ତମାନ ଆମ ରାଜ୍ୟରେ ପଂଚ-ାୟତ ନିର୍ବାଚନ ଶେଷ ହୋଇଛି । ଚାରିଆଡେ ବିଶୃଂଖଳା ବୁଥ ଅଧିକାର, ବମ ମାଡ, ସାମ୍ବାଦିକ ଓ ପ୍ରାର୍ଥୀଙ୍କ ଉପରେ ଆକ୍ରମଣ ବେଧଡକ ନୀତିରେ ଚାଲିଛି । କମିଶନଙ୍କ କଥାକୁ କେହି କାନରେ ଶୁଣୁନାହାଁନ୍ତି । ଯେଉଁମାନେ ଆମକୁ ଶାସନ ହିଁ କରିବେ ସେମାନେ ଯଦି ଆଇନ ବହିର୍ଭୂତ କାର୍ଯ୍ୟ କରିବେ ତାହାହେଲେ ଖେତ ବାଡ ଖାଇଲା ଭଳି ହେବ ଓ ଗଣତନ୍ତ୍ର ଶାସନ ଭୁଷୁଡି ପଡିବ ।

# କାହା ହାତରେ ଭାଗ୍ୟ !

୨୦୨୨ ପଞ୍ଚାୟତ ନିର୍ବାଚନ ଓଡ଼ିଶାରେ ପାଞ୍ଚଟି ପର୍ଯ୍ୟାୟ କ୍ରମରେ ସରିଯାଇଛି । ଯାହା ଫେବୃୟାରୀ ୧୬, ୧୮, ୨୦, ୨୨ ଓ ୨୪ ତାରିଖ କ୍ରମରେ ନିର୍ବାଚନ ହୋଇଥିଲା। ଫେବୃୟାରୀ ୨୬ ତାରିଖରେ ଭୋଟ ଗଣତି ହେବ ସେହିଦିନ ହିଁ ଜଣାପଡ଼ିବ ଯେ କାହା ହାତରେ ଭାଗ୍ୟ। ଓଡ଼ିଶାର ୮୫୩ଟି ଜିଲ୍ଲା ପରିଷଦ, ୬୭୯୪ଟି ସରପଞ୍ଚ ଓ ସମିତି ସଭ୍ୟ, ୯୧୯୧୬ଟି ୱାର୍ଡ଼ମେମ୍ବରଙ୍କ ଭାଗ୍ୟ ୩.୨୯କୋଟି ଓଡ଼ିଶାବାସୀଙ୍କ ହାତରେ ରହିଛି ଯାହା ଫେବୃୟାରୀ ୨୬ରେ ଜଣାପଡ଼ିବ। ସାଧାରଣତଃ ପଞ୍ଚାୟତ ନିର୍ବାଚନ ୫ଟି ପର୍ଯ୍ୟାୟରେ ହୋଇଥିଲା ତେଣୁ ଫେବୃୟାରୀ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିଲା ଯାହା ୨୦୦ ଜିଲ୍ଲା ପରିଷଦ, ୧୬୬୯ଟି ସରପଞ୍ଚ ଓ ସମିତି ସଭ୍ୟ ଏବଂ ୨୨୩୭୯ ୱାର୍ଡ଼ମେମ୍ବର, ଫେବୃୟାରୀ ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ୧୮୬ ଜିଲ୍ଲା ପରିଷଦ,୧୫୧୪ଟି ସରପଞ୍ଚ ଓ ସମିତି ସଭ୍ୟ ଏବଂ ୨୦୪୩୬ଟି ୱାର୍ଡ଼ମେମ୍ବର, ଫେବୃୟାରୀ ୨୦ ତାରିଖରେ ତୃତୀୟ ପର୍ଯ୍ୟାୟରେ ୧୭୧ଟି ଜିଲ୍ଲା ପରିଷଦ, ୧୩୮୨ଟି ସରପଞ୍ଚ ଓ ସମିତି ସଭ୍ୟ ଏବଂ୧୮୪୯୫ଟି ୱାର୍ଡ଼ମେମ୍ବର, ଫେବୃୟାରୀ ୨୨ରେ ଚତୁର୍ଥ ପର୍ଯ୍ୟାୟରେ ୧୬୩ଟି ଜିଲ୍ଲା ପରିଷଦ, ୧୨୫୪ଟି ସରପଞ୍ଚ ଓ ସମିତିସଭ୍ୟ ଓ୧୭୦୮୯ଟି ୱାର୍ଡ଼ମେମ୍ବର ଏବଂ ଫେବୃୟାରୀ ୨୪ ତାରିଖ ଶେଷ ପର୍ଯ୍ୟାୟରେ ୧୩୧ଟି ଜିଲ୍ଲା ପରିଷଦ, ୯୭୫ଟି ସରପଞ୍ଚ ଓ ସମିତି ସଭ୍ୟ ଓ୧୩୫୧୪ଟି ୱାର୍ଡ଼ମେମ୍ବର ଆସନ ପାଇଁ ଲଢେଇ ହୋଇଥିଲା। ଏହି ଆସନ କିଏ ପାଇବ ତାହା ଜଣାନାହିଁ କିନ୍ତୁ ଏହି ଆସନ ପାଇଁ ୩.୨୯ କୋଟି ଓଡ଼ିଶାବାସୀଙ୍କ ହାତରେ ରହିଛି। କିନ୍ତୁ ଏବେ ସମୟ ଆସିଛି ଭୋଟ ଗଣତି ପରେ ଜଣାପଡ଼ିବ ଜନତା କାହାକୁ ପସନ୍ଦ କରିଛନ୍ତି ଓ କାହା ମୁଣ୍ଡରେ କଳସ ବସିବ। ଦେଖିବାକୁ ଗଲେ ସମସ୍ତଙ୍କ ନଜର ରହିଛି ଜିଲ୍ଲା ପରିଷଦ ଉପରେ କାହିଁକି ନା ଏଠାରେ ତିନୋଟି ପ୍ରମୁଖ ଦଳ ବିଜେଡ଼ି (ବିଜୁ ଜନତା ଦଳ), ବିଜେପି (ଭାରତୀୟ ଜନତା ପାର୍ଟି) ଓ ଭାରତୀୟ ଜାତୀୟ କଂଗ୍ରେସ ଦଳଗୁଡ଼ିକ ୮୫୩ଟି ଆସନ ପାଇଁ ଲଢେଇରେ ଅବତୀର୍ଣ୍ଣ ହୋଇଛନ୍ତି। ଭୋଟ ଗଣତି ପରେ ଜଣାଯିବ କେଉଁ ଦଳ କେତେ ବାଜିମାତ କରିଛି। ଏହାକୁ ଦେଖି ୨୦୨୪ରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ତିନି ଦଳ ପ୍ରସ୍ତୁତ ରହିବେ।

# ସନାତନଙ୍କ ଭରସା ନାହିଁ ବିଜେଡି ସରକାରଙ୍କ ସୁରକ୍ଷା କବଚକୁ, ଷ୍ଟ୍ରଙ୍ଗ ରୁମ ସାମ୍ନାରେ ସନା ସମର୍ଥକ



ଯୋଡା (ପିଏନ) - କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକରେ ଶାଂି ଶୃଙ୍ଖଳା ଭାବେ ତ୍ରୀସ୍ତରୀୟ ନିର୍ବାଚନ ପ୍ରକ୍ରିୟା ସରିଯାଇ ଥିବା ବେଳେ ଆଗକୁ ୨୬,୨୭,୨୮ ରେ ଭୋଟ ଗଣତି କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ନିର୍ବାଚନ ପରେ ଭୋଟ ବାକ୍ସ ଗୁଡିକୁ ଯଥା ନିୟମ ଅନୁଯାୟୀ ଯୋଡା ବ୍ଲକ ପରିସର ଭିତରେ ଏକ ଷ୍ଟ୍ରଙ୍ଗ ରୁମ ଭିତରେ ରଖା ଯାଇ ପୋଲିସ ପକ୍ଷରୁ କଡା ସୁରକ୍ଷା ସାଙ୍ଗକୁ ୨୪ ଘଣ୍ଟିଆ ସିସି ଟିଭିର ବ୍ୟବସ୍ଥା କରାଯାଇଛିଯାହା ସର୍ବସାଧାରଣ ଙ୍କ ନିମର୍ିେ ପ୍ରଜୁଜ୍ୟ ହେଇଛି। ତେବେ ପ୍ରଶାସନ ପକ୍ଷରୁ ଏବଂ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏପରି କଡା ସୁରକ୍ଷା ଦିଆଯାଇଥିବା ବେଳେ ଷ୍ଟ୍ରଙ୍ଗ ରୁମ ସାମ୍ନାରେ ପୂବତନ ବିଧାୟକଙ୍କ ସମର୍ଥନ ତମ୍ବୁ ପକାଇ ବସିଥିବା ବେଳେ ଆଉ କିଛି ସମର୍ଥକ ଏପଟ ସେପଟ ହୋଇ ପହରା ମାରୁଥିବା ଦେଖିବାକୁ ମିଳିଛି। ଏଠାରେ ପ୍ରକାଶ ଥାଉ କି ସନାତନ ମହାକୁଡ ଙ୍କୁ ଜିଲ୍ଲା ବିଜେଡି ଦାୟିତ୍ୱ ଦିଆଯାଇଛି ଏବଂ ସେ ବିଜେଡି ଦଳପାଇଁ ପ୍ରାର୍ଥୀ ଦେଇ ବିଜୟ ମୁକୁଟ ପିନ୍ଧାଇବାକୁ ଦାୟିତ୍ୱ ନେଇର୍ଛନ୍ତି କିଂୁ ଯୋଡା ବ୍ଲକରେ ଏହାର ବିକଳ୍ପ ଦେଖାଯାଇଛି। ସନାତନ ମହାକୁଡଙ୍କ ଇଙ୍ଗିତରେ ତାଙ୍କ ସମର୍ଥକ ବଜେଡି ସରକାର ଓ ଜିଲ୍ଲା ପ୍ରଶାସନ ବ୍ୟବସ୍ଥା ଉପରେ ସିଧାସିଧା ଆଙ୍ଗୁଳି ଉଠାଇ ନିଜ ସମର୍ଥକ ମାନଙ୍କୁ ଷ୍ଟ୍ରଙ୍ଗ ରୁମ ସାମ୍ନାରେ ପହରା ଦିଆକରାଉର୍ଛନ୍ତି ଯେଉଁଥିପାଇଁ ବିଜେଡି ସରକାର ଓ ପ୍ରଶାସନ ଉପରେ ଲୋକଙ୍କ ବିଶ୍ୱାସ ଉଠିଯାଉଛି। ସନାତନ ମହାକୁଡଙ୍କ ଏପରି କାର୍ଯ୍ୟକଳାପ ପାଇଁ ବିଜେଡି ବଦନାମ ହେବା ସହ ବିରୋଧି ଦଳ ଏହାର ଭରପୁର ଫାଇଦା ନେବେ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି। ସନାତନ ମହାକୁଡ ନିଜୁ ଜନତା ଦଳ ର ରକ୍ଷକ ସାଜିବାର ଅଭିନୟ କରି ଭକ୍ଷକ ସାଜୁର୍ଛନ୍ତି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଉଛି। ସନାତନ ମହାକୁଡଙ୍କ ଏପରି ଦଳ ବିରୋଧି କାର୍ଯ୍ୟକୁ ଯୋଡା ସହରର ବରିଷ୍ଠ ବିଜଡେି ନେତା ଓ କର୍ମୀମାନେ ଘୋର ନିନ୍ଦା କରୁର୍ଛନ୍ତି। ନିର୍ବାଚନ ପ୍ରଚାର ସମୟରେ ସନାତନ ମହାକୁଡ ଭିତରେ ଭିତରେ ନିଜ ସମର୍ଥକଙ୍କୁ ଲଗାଇ ବିଜେଡି ବିରୋଧରେ ମତାଉଥିବା ଜଣାପଡିଛି ଯାହା ୨୮ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ଉପରେ ଘୋର ପ୍ରଭାବ ପଡିପାରେ। ୨୮ନମ୍ବର ଜୋନରେ ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ପ୍ରଚାର ହୋଇଥିବା ବେଳେ ସନାତନଙ୍କ ଇଙ୍ଗିତରେ ସନା ସମର୍ଥକ ବିଜୁ ଜନତା ଦଳକୁ ନଷ୍ଟ କରିବାକୁ ଯାଇ ବିଜେପି କୁଭୋଟ ଦେଇ ଜିତାଇବାକୁ ଭିତରେ ଭିତରେ ଷଡଯନ୍ତ୍ର କରୁଥିବା ଜଣାପଡିଛି। ବିଜୁ ଜନତା ଦଳ ଜଣେ ଆତ୍ମଘାତିକୁ ଦଳର ବିଜୟ ଦାୟିତ୍ୱଦେଇ ଦଳ ପ୍ରତି ବିପଦ ଡାକି ଆଣିବା ସହ ବିରୋଧି ଦଳ ପାଇଁ ଅପୂର୍ବ ସୁଯୋଗ ଆଣିଦେଇଛି ବୋଲି ଚା ଖଟିରେ ଆଲୋଚନା ହେଇଥିବା ଦେଖିବାକୁ ମିଳିଛି ଏବଂ କେହି କେହି ସନାତନ ମହାକୁଡ ବିଜେଡି ଦଳରେ ସାମିଲ ହୋଇ ଚମ୍ପୁଆ ଅଂଚଳରୁ ବିଜେଡି ଦଳକୁ ମୂଳରୁ ପୋଛି ଦେଇ ପାଣ୍ଡିଆନ ଓ ବିଜେଡି ଦଳ ଉପରେ ପ୍ରତିଶୋଧ ନେଉଥିବା ଜୋଇଦାର ଆଲୋଚନା ହେଉଛି।


## ଗଠନ ହେଲା ରାଜନୈତିକ ବିଚାରମଂଚ

ବାଲେଶ୍ୱର (ପିଏନ୍)- ଆସନ୍ତା ପୌର ନିର୍ବାଚନରେ ପ୍ରାର୍ଥୀ ମାନଙ୍କର ଆଭିମୁଖ୍ୟକୁ ଭୋଟରଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ବାଲେଶ୍ୱର ରେ ପ୍ରଥମଥର ପାଇଁ ଗଠିତ ହୋଇଛି ରାଜନୈତିକ ମଞ୍ଚ। ପ୍ରଥମ ପର୍ଯ୍ୟାୟରେ ଏଥିରେ ୨୦୦ ଜଣ ସଦସ୍ୟ ଅଛନ୍ତି। ପୌର ନିର୍ବାଚନ ପୂର୍ବରୁ ସହର ର ଗୋଲା ପୋଖରୀ ଛକ, ଫାଣ୍ଡି ଛକ ଏବଂ ସିନେମାଛକ ରେ ବିଭିନ୍ନ ପର୍ଯ୍ୟାୟରେ ସଂଗଠନ ପକ୍ଷରୁ ଖୋଲାମଞ୍ଚ ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଛି। ନିର୍ବାଚନ ରେ ଆଶାଇ କାଉନ୍‌ଶିଲର ପ୍ରାର୍ଥୀ ମାନେ କେଉଁ ପ୍ରଶଙ୍ଗ ନେଇ ଭୋଟର ଙ୍କ ନିକଟସ୍ଥର ହେବେ ଏବଂ କି ପ୍ରତିଶୃତି ଦେବେ ସେ ନେଇ ଖୋଲା ମଞ୍ଚରେ ଖୋଲାଖୋଲି ଆଲୋଚନା କରାଯିବ। ତେବେ ଏହି ମଞ୍ଚ ରେ କୌଣସି ପ୍ରକାର ନକରାତ୍ମକ ପ୍ରଶ୍ନ ଉଠାଯିବ ନାହିଁ। ସେହିପରି ପ୍ରାର୍ଥୀ ମାନଙ୍କର ଯେପରି ସମ୍ମାନ ହାନୀ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ମଞ୍ଚର କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି। ରାଜନୈତିକ ବିଚାର ମଞ୍ଚର ସଭାପତି ଅମୀୟ ମହାନ୍ତି, କବି ଶ୍ରୀ ଦେବ, ପଙ୍କଜ ଜେନା,ଗଣେସ ରାଉତ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ବିକ୍ରମ ପଣ୍ଡା, ଉବାଚକ ମହାନ୍ତି, ସୁକୁମାର ରଣା, ଅର୍ଚ୍ଚନା ନନ୍ଦି, ପ୍ରଜ୍ଞାପାରମିତା ମହାନ୍ତି, ଆରତୀ ଦାସ, ଧିରେନ୍ ନାୟକ ପ୍ରମୁଖ ନିଜ ନିଜ ମତ ରଖିଥିଲେ।

## ଅନୱର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ରାଜ୍ୟ ସ୍ତରୀୟ 'ଅନୱର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ' ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ନିମପୁର କ୍ଲବ ପାରାଦ୍ୱୀପ କ୍ଲବକୁ ହରାଇ ଚମ୍ପିଅନ ଆଖ୍ୟା ଅର୍ଜ୍ଜନ କରିଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ ମହେଶ କର ଫାଉଣ୍ଡେସନର ଅଧକ୍ଷ ରେଣୁବାଳା କରଙ୍କ ଦ୍ୱାରା ପ୍ରଦତ୍ତସିଲ, କପ, ନଗଦ ଅର୍ଥରାଶି ସମେତ ୫ଟି ପୁରସ୍କାରକୁ ବିଜୟୀ ଦଳ ଓ ରନର୍ସଅପ ଦଳକୁ ପ୍ରଦାନ କରିଥିଲେ । ଫାଉଣ୍ଡେସନ ପକ୍ଷରୁ ଜିଲ୍ଲାରେ କ୍ରୀଡାର ବିକାଶ ନିମନ୍ତେ ଏଭଳି ବହୁ କାର୍ଯ୍ୟ କରାଯାଇ ଆସୁଛି। ଫାଉଣ୍ଡେସନକୁ କ୍ରୀଡାର ବିକାଶ ନିମନ୍ତେ ଏଭଳି ସହାୟତା ପ୍ରଦାନକୁ ଆୟୋଜକ ଅନୁଷ୍ଠାନ ସମେତ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।




**ଭୁବନେଶ୍ୱର, ୨୦୨୪, ଜୁନ ୨୩**

# ସ୍ୱାଧୀନ ଭାରତର ଇତିହାସରେ ଜୁନ୍ ୨୫ ତାରିଖ କଳାଦିବସ

**ସରୋଜ କୁମାର ମିତ୍ର**

୧୨ଜୁନ୍ ୧୯୭୫ ମସିହାରେ ଆହ୍ଲାବାଦ୍ ହାଇକୋର୍ଟ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ନିର୍ବାଚନକୁ ଅବୈଧ ବୋଲି ଘୋଷଣା କରିଥିଲେ । ଏହା ବିରୋଧରେ ଇନ୍ଦିରାଗାନ୍ଧୀ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ୍‌କୋର୍ଟରେ ଅବସରକାଳୀନ ବିଚାରକ ଶ୍ରୀକ୍ରୀଷ୍ଣ ଆୟାର ମୋକଦ୍ଦମା ବିଚାର କରି ରାୟ ଦେଇଥିଲେ ଯେ ଇନ୍ଦିରାଗାନ୍ଧୀ ପାର୍ଲାମେଂଟରେ କୌଣସି ଆଲୋଚନାରେ ଭାଗ ନେଇ ପାରିବେ ନାହିଁ କିମ୍ବା ଭୋଟ ପ୍ରଦାନ କରି ପାରିବେ ନାହିଁ ଏବଂ ସୁପ୍ରିମ୍‌କୋର୍ଟର ଗୋଟିଏ ପୂର୍ଣ୍ଣାଙ୍ଗ ବେଂଚ ମୂଳ ମୋକଦ୍ଦମା ଫଇସଲା କରିବେ । ଏହି ରାୟ ୨୪ ଜୁନ୍ ୧୯୭୫ରେ ପ୍ରକାଶ ପାଇଥିଲା । ଇନ୍ଦିରା ଗାନ୍ଧୀ ଏହି ରାୟ ପ୍ରକାଶ ପାଇବା ପରେ ତାଙ୍କର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେବା ଉଚିତ୍ ଓ ନ୍ୟାୟ ସଙ୍ଗତ ଥିଲା । କିନ୍ତୁ ଏହାର ଅବମାନନା କରି ସେ ରାଷ୍ଟ୍ରପତିଙ୍କ ଦ୍ୱାରା ଜୁନ୍ ୨୫ ତାରିଖ ଜରୁରୀକାଳୀନ ଅବସ୍ଥା ଘୋଷଣା କରାଇଥିଲେ । ସମସ୍ତ ବିରୋଧୀ ଦଳ ନେତାଙ୍କୁ ଗିରଫ କରାଯାଇଥିଲା ଓ ସମ୍ବାଦପତ୍ର ପ୍ରକାଶନ ଗୁଡ଼ିକ ଉପରେ କଟକଣା ଜାରୀ ହୋଇଥିଲା । ମୌଳିକ ଅଧିକାର ଓ ଅଦାଲତ୍‌ରେ ସରକାର ସ୍ୱାଧୀନ ଭାରତର ଇତିହାସରେ ଜୁନ୍ ୨୫ ତାରିଖ କଳାଦିବସ ବିରୋଧରେ କୌଣସି ଅଭିଯୋଗ କରିବା ଅଧିକାରକୁ ପ୍ରତ୍ୟାହାର କରିନିଆଯାଇଥିଲା । ସମଗ୍ର ଦେଶରେ କୋକୁଆ ଭୟ ସୃଷ୍ଟି କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇନ୍ଦିରାଗାନ୍ଧୀ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପାର୍ଲାମେଂଟରେ ଭାଗନେବା ଓ ଭୋଟଦେବା ଅଧିକାରରୁ ବଂଚିତ ହେବା ପରେ ପ୍ରଧାନମନ୍ତ୍ରୀ ପଦରେ ରହିବା ଅଧିକାର ହରାଇ ଥିଲେ । ଏଣୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ନଦେଇ ସେ ଯେତେ ପ୍ରକାରର ଅବୈଧ ଓ ସମ୍ବିଧାନ ବିରୋଧୀ କାର୍ଯ୍ୟ କରିଛନ୍ତି ସେଥିପାଇଁ ତାଙ୍କୁ ଶାସ୍ତି ଦେବା ଉଚିତ୍ । ସେ ସମୟର ଉଚ୍ଚ ନ୍ୟାୟାଳୟର ଆଭିମୁଖ୍ୟ ଓ କାର୍ଯ୍ୟ କଳାପର ସମୀକ୍ଷା ହେବା ମଧ୍ୟ ଆବଶ୍ୟକ । କାରଣ ଏହି ଗଣତାନ୍ତ୍ରୀକ ରାଷ୍ଟ୍ରରେ ନ୍ୟାୟ ସଙ୍ଗତ ଉପାୟରେ କାର୍ଯ୍ୟ ନକରି ସମଗ୍ର ଦେଶ ଓ ଦେଶବାସୀଙ୍କ ଉପରେ ଏକଛତ୍ରବାଦୀ ଶାସନ ବ୍ୟବସ୍ଥା ଲଦିଦେବା ଅଧିକାର ଇନ୍ଦିରାଗାନ୍ଧୀ ପାଇ ନଥିଲେ । ଯଦି ମରଣତୋର ଉପାଧୀ ଯେପରି ଭାରତରତ୍ନ ଦିଆଯାଇପାରୁଛି, ତେବେ ଇନ୍ଦିରାଗାନ୍ଧୀ କରି ଯାଇଥିବା ସମ୍ବିଧାନ ବିରୋଧୀ କାର୍ଯ୍ୟ ପାଇଁ ଦଣ୍ଡ ପାଇବା ଉଚିତ୍ । ଏହିପ୍ରକାର ପଦକ୍ଷେପ ନେବା ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥା ଓ ଗଣତାନ୍ତ୍ରୀକ ବ୍ୟବସ୍ଥା ଦୃଢ଼ୀଭୂତ ହେବ । କମ୍ୟୁନିଷ୍ଟ ପାର୍ଟିର ନେତାଙ୍କୁ ଛାଡି ଅନ୍ୟ ବିରୋଧୀ ଦଳ ନେତାମାନଙ୍କୁ ଗିରଫ କରିବା ପରେ ସମଗ୍ର ଦେଶରେ ଏହା ବିରୋଧରେ ସ୍ୱର ଉତୋଳନ କରିବାକୁ କେହି ନଥିଲେ । ନାନାଜୀ ଦେଶମୁଖଙ୍କ ନେତୃତ୍ୱରେ ଗଠିତ ଲୋକ ସଂଘର୍ଷ ସମିତି ଭୟର ବାତାବରଣ ଦୂର କରିବା ପାଇଁ କିଛି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଲେଖକଙ୍କୁ ଓଡ଼ିଶା ପ୍ରଦେଶ ଲୋକ ସଂଗ୍ରହ ସମିତିର ଦାଇତ୍ୱ ଦିଆଯାଇଥିଲା । ତଦନୁସାରେ ୦୨ ଅକ୍ଟୋବର ୧୯୭୫ ମସିହା ଗାନ୍ଧୀ ଜୟନ୍ତୀ କଟକ କାଠଯୋଡ଼ି ନଦୀ କୂଳରେ ସର୍ବୋଦୟ କର୍ମୀମାନଙ୍କ ସହଯୋଗରେ କରାଯାଇଥିଲା । ଅକ୍ଟୋବର ମାସରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ସତ୍ୟାଗ୍ରହ କରାଯାଇଥିଲା । ୧୯୭୭ ମସିହାରେ ସାଧାରଣ ନିର୍ବାଚନରେ ଇନ୍ଦିରାଗାନ୍ଧୀ ଶୋଚନୀୟ ଭାବେ ପରାସ୍ତ ହେବା ପରେ ଜରୁରୀକାଳୀନ ଅବସ୍ଥା ସମାପ୍ତ ହୋଇଥିଲା । ଲେଖକ 'ମୀସା ଆଇନ୍' ଦ୍ୱାରା ଗିରଫ ହୋଇ ୧୭ମାସ ଜେଲ୍‌ରେ ରହିଥିଲେ ।

*ମୋ-୮୧୭୮୦୮୨୮୧୮*

# ଶତକଡ଼ା ଶତରୁ ଊର୍ଦ୍ଧ୍ୱ ଖସି ଊନଶତ ହୋଇପାରେ


**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଊନଶତମାନେ ଶହେରୁ ଏକ ଊଣା, ଏଇ ଏକ ହିଁ ପ୍ରବଳ ବଳବନ୍ତ । ଶତକଡ଼ା କଳ୍ପନାର ହାଇ ବାଜପେୟୀଙ୍କ ଆସ୍ଥା ଭୋଟରେ ଆଉ ଓଡ଼ିଶାର ଗମାଙ୍ଗବାବୁ ଗୋଟିଏ ଭୋଟ ନଦେଇ ଆସ୍ଥା ଭୋଟରେ ବାଜପେୟୀଙ୍କୁ ହତପ୍ରଭ କରାଇ ଲୋକସଭା ଭଙ୍ଗବାଟ କରିଥିଲେ । ତେବେ ଏକକ ଶକ୍ତିର ଏକ ଭଙ୍ଗକାରୀ ହୋଇପାରେ । ସର୍ବଦା ଦୁଇପଥରୁ ଜ୍ଞାନୀ ପଥ ବାଛେ । ଧର୍ମପଥ ସତ୍ୟପଥ ଓ ଅଧର୍ମ ଅସତ୍ୟପଥ ଏମିତି ପଥ ବାଛି ଏକଶତରୁ ଏକ ବାହାରି ଯାଇପାରନ୍ତି । ରାବଣଙ୍କ ବଳ ଏକ ଶତ ଧରାଗଲେ ସେଥିରୁ ବିଭୀଷଣ ବାହାରି ଯାଇଥିଲେ ଫଳରେ ବିଭୀଷଣ ରାବଣ ଶାସନର ପତନର କାରଣ ହୋଇଥିଲେ । ବାଳୀ ଅମିତ ବାଳଶାଳୀ ଥିଲେ ବି ଭାଇ ସୁଗ୍ରୀବ ପ୍ରତି ଅନ୍ୟାୟ କରିବାରୁ ତାଙ୍କର ଅକାଳ ବିୟୋଗ ହୋଇଥିଲା । ଯାହା ଏକ ବଡ଼ ରାଜଶତ୍ରୁର ଅନ୍ତ ହେବ ଆକବର ଭାବିଥିଲେ । ବୈରାମଙ୍କର ନିଜ ଲୋକ ଥିବା କେତେକ ମୁଖ୍ୟଙ୍କୁ ରାଜକର୍ମରେ ନିଯୁକ୍ତି ଦେଇ ତାଙ୍କ ପୁଅ ନବାବ ଖାନ ଖାଁଙ୍କୁ ନିଜର ଏକ ମନ୍ତ୍ରୀ କରାଇ ବୈରାମଙ୍କ ଯୁବତୀ ପତ୍ନୀଙ୍କୁ ନିଜର ପତ୍ନୀ ରୂପେ ନିଜ ହାରମକୁ ନେଇ ଶତୃତା ଅବସାନ କରାଇବା ଭାବିଥିଲେ କିନ୍ତୁ ଶତୃତାର କାରଣ ନିଜର କପଟ ଚିନ୍ତା ଭିନ୍ନ ଦିଗରେ ତାଙ୍କର ଶତୃତାକୁ ଅଙ୍କୁରିତ କରୁଥିଲା । କେହି ଶାସକ ପ୍ରଶାସକ କେବେ ନିରଙ୍କୁଶ ନୁହଁନ୍ତି । ନିଜର ଶରୀରରୁ ଉଦ୍ରେକ ରିପୁଙ୍କର ଉଦୟ କେମିତି ପ୍ରଶମିତ ହେଲେ ବାହ୍ୟ ଶତ୍ରୁ ହେବେନାହିଁ ଏପରି ମନ୍ତ୍ରଣା ତାଙ୍କୁ କେହି ଦେଉନଥିଲେ । ଏବେ ବି ଅନେକ ପ୍ରଶାସକ ଏପରି ରିପୁଦମନ ସୂତ୍ର ପାଇବା ମୁସ୍କିଲ । ଅସ୍ତ୍ରଧରି ଘଉଡାଇବା ସଦା ସମ୍ଭବ ନୁହଁ । କଣ କଲେ ଶତୃତା ବଢ଼ିବ ନାହିଁ ଏହା ଦିବ୍ୟ ଗୁରୁଙ୍କ ଠାରୁ ସଦାଶିକ୍ଷା କରିବା ଆବଶ୍ୟକ । ଲକ୍ଷ୍ୟଭେଦ ବାମ ଦକ୍ଷିଣ ଅଗାପଛ ଉପରୁ ଓ ବିଭିନ୍ନ କୋଣରୁ କରାଯିବା ସମସ୍ତଙ୍କୁ ଜଣା ମାତ୍ର ଏକ ଛୋଟ ଚାରିଗୋଡ଼ିଆ ଶ୍ୱାନକୁ ତଳପଟରୁ ତୀରମାରି ତାର ମୁଖ ବନ୍ଦ କରିବଦେବା କଥା ହୁଏତ ଏକଲବ୍ୟ ପୂର୍ବରୁ ଜାଣିନଥିଲେ । ପରୋକ୍ଷ ବିଦ୍ୟା ଶିକ୍ଷାକରି ସେ ପାଣ୍ଡବ-କୌରବଙ୍କର ଶିକାରୀ ଶ୍ୱାନର ମୁଖ ଏମିତି ଗଳା ଓ ଓଠ ମଧରେ ବିଦ୍ଧ କରି ଦ୍ରୋଣଙ୍କୁ ବି ଚମତ୍କୃତ କରିଥିଲା । ଅର୍ଜୁନ ଭଲ ତୀରନ୍ଦାଜ ଭରିଥିଲେ ସେ ମହାଭାରତ କାଳରେ ଲକ୍ଷ୍ୟଭେଦର ସବୁ ପ୍ରକାର କୌଶଳ ଶିଖିଥିଲେ ବି ଏ ବିଦ୍ୟାଟି ଶିକ୍ଷା କରିନଥିଲେ । ପରେ ମହାଭାରତ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟ ଗୁରୁ ଓ ଅର୍ଜୁନଙ୍କ ମଧରେ ଯୁଦ୍ଧ ହେଲା ଦ୍ରୋଣଙ୍କର ଯୁଦ୍ଧହାର ଓ ମୃତ୍ୟୁ ଅର୍ଜୁନଙ୍କ ଦ୍ୱାରା ହୋଇଥିଲା । ଏଠାରେ ଦ୍ରୋଣ ଜିତିଥିଲେ ଅର୍ଜୁନଙ୍କର ବିଦ୍ୟା ଶିକ୍ଷା ଠିକ ହୋଇନାହିଁ ଲୋକେ କହିଥାନ୍ତେ ମାତ୍ର ଦ୍ରୋଣଙ୍କ ଦ୍ୱାରା ଲୋକେ ଜାଣିଲେ ଗୁରୁଠାରୁ ଶିଷ୍ୟ ଶକ୍ତିଶାଳୀ ଗୁରୁଙ୍କ ମାନ ଏଥିରେ ପ୍ରକଢତରେ ବଢ଼ିଯାଉଛି । ଏସମୟରେ ଅନେକ ଶିକ୍ଷକ ତାଙ୍କର ପାଠ୍ୟ ପୁସ୍ତକ ବହୁ ସ୍ଥାନରେ ବହୁ ଛାତ୍ରଛାତ୍ରୀ ପରୋକ୍ଷରେ ପଢ଼ି ଗୁରୁଜ୍ଞାନ ହାସଲ କରି ବୁଦ୍ଧିମାନ ହେଉଛନ୍ତି । ଏମିତି ଜଣେ ଗୁରୁଧର୍ମ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ, ଆଚାର୍ଯ୍ୟ ହରିହରଙ୍କ ଚିତଲ ଇଜି ବେଷ୍ଟ ଗ୍ରାମାର ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଶ୍ରୀ ଜୀଉଙ୍କ ଅନବସର, ଖଳିଲାଗି ଓ ଅଲାରନାଥ ଦର୍ଶନ


**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସ୍ନାନ ଓ ଶ୍ରୀଗୁଣ୍ଡିଚା ମଧ୍ୟବର୍ତ୍ତୀ ସମୟରେ ହେଉଥିବା ବିଧାନ ହେଉଛି ଅନବସର ବା ଅଣସର । ଦେବସ୍ନାନ ପୂର୍ଣ୍ଣିମା ବା ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ ହିଁ ଅଣସର ନାମରେ ପରିଚିତ । ଠାକୁରମାନେ ସ୍ନାନ ପରେ ବିଜେ କରିଥାନ୍ତି ଅଣସର ପିଣ୍ଡିରେ । ସାଧାରଣ ଦର୍ଶନ ନିଷେଧ ଥିବା ଏହି ୧୫ ଦିନ ଶବରରାଜ ବିଶ୍ୱାବସୁ ଓ ବିଦ୍ୟାପତିଙ୍କର ବଂଶଧର ଦଇତା ପତି ସେବାୟତଙ୍କ ଅଖଣ୍ଡ ଅଧିକାର ଦେଖିବାକୁ ମିଳେ । ଅଣସର ନୀତିର ୩ଟି ମୌଳିକ ତାତ୍ପର୍ଯ୍ୟ ରହିଛି । ପୌରାଣିକ ମତରେ ଶବର ଭକ୍ତ ବିଶ୍ୱାବସୁଙ୍କ ସ୍ତୁତିଚାରଣ, ଦ୍ୱିତୀୟ ଠାକୁରଙ୍କ ଗୁପ୍ତନୀତି ପାଇଁ ସମୟ ଓ ସୁଯୋଗ ସୃଷ୍ଟି ଏବଂ ତୃତୀୟରେ ଶ୍ରୀଜୀଉ ଜ୍ୱର ବାଧିକାଗ୍ରସ୍ତ ହୋଇ ଔଷଧ ଗ୍ରହଣ କରିବାର ଦୃଷ୍ଟାନ୍ତ । ଏହି ସମୟରେ ପ୍ରଭୁଙ୍କୁ ଅନ୍ନ ଭୋଗ ବଦଳରେ ବିଭିନ୍ନ ଫଳମୂଳ, ଚକଟା ଓ ପଣା ଭୋଗ ପୂଜା କରାଯାଏ । ଏହି ଘରଟିକୁ ବାଉଁଶ ତାଟିରେ ଆବୃତ୍ତ କରି ରଖାଯାଏ । ଅତ୍ୟଧିକ ସ୍ନାନ ହେତୁ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ଏହି ନୀତି ଅବଲମ୍ବନ କରିଥାନ୍ତି । ଏଠାରେ ହୋଇଥାଏ ପ୍ରଭୁଙ୍କର ଗୁପ୍ତସେବା । ପଞ୍ଚମୀ ଦିନ ପ୍ରଭୁଙ୍କ ଅଙ୍ଗରେ ଫୁଲୁରି ତେଲ ଲାଗି ହୋଇଥାଏ । ଷଷ୍ଠ ଦିନଠାରୁ ତିନିଦିନ ଯାଏ ଓଷ ଲାଗି ହୋଇଥାଏ । ଦଶମୀରେ ଚକା ବିଜେ । ତା ପରେ ଏକାଦଶୀରେ ଖଳି ଲାଗି ଓ ଦଶମୂଳ ପାଚନ ଲାଗି ଏବଂ ଦ୍ୱାଦଶୀରେ ଦ୍ୱାଦଶୀ ନୀତି, ତ୍ରୟୋଦଶୀରେ ଘଣା ଲାଗି ଶେଷରେ ନବଯୌବନ ଦର୍ଶନ ବା ନେତ୍ରୋତ୍ସବ ପାଳିତ ହୁଏ ।

ଗୋପନ ସେବାରେ ଦିବ୍ୟପ୍ରଲେପ : ଖଳିଲାଗି ଶ୍ରୀଜଗନ୍ନାଥଙ୍କ ଅଣସର ଗୋପନ ସେବାରେ ଶୁଦ୍ଧ ସୁଆରମାନେ ଶ୍ରୀଅଙ୍ଗ ସେବା କରନ୍ତି । ବିଦ୍ୟାପତି ବଂଶଜ ରୂପେ ମାନ୍ୟତା ଦାବି କରୁଥିବା ଶୁଦ୍ଧ ସୁଆରମାନେ ଏହି ଭିତରେ ଖଳିଲାଗି କରିବା ବିଧି ରହିଛି । ସ୍କନ୍ଦ ପୁରାଣ, ବାମଦେବ ସଂହିତା, ନିଳାଦ୍ରି ମହୋଦୟ, ଦେଉଳ ତୋଳା ଆଦି ଗ୍ରନ୍ଥରେ ଗୁପ୍ତ ସେବା ସମ୍ପର୍କରେ ସବିଶେଷ ସୂଚନା ରହିଛି । ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପ ବା ଖଳିକୁ ରୁପା ଫିଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥାନ୍ତି । ଭିତର ଖଳି ଲାଗି ପୂର୍ବରୁ ପ୍ରଭୁଙ୍କ ଘଣା ଲାଗି ଗୋପନ ନୀତି ସଂପନ୍ନ ହୋଇଥାଏ । ଏଥିପୂର୍ବରୁ ନୂତନ ବିଗ୍ରହଙ୍କୁ ଗୋପନ ସେବାରେ ରକ୍ତ ବସ୍ତ୍ର ଆବରଣ ଦିଆଯାଇଥାଏ । ଗୋପନୀୟତା ରକ୍ଷା କରି ଦଇତାପତି, ପତିମହାପାତ୍ର ସେବକମାନେ ଏକ ସ୍ୱତନ୍ତ୍ର ଶୈଳୀ ଅବଲମ୍ବନରେ ଶ୍ରୀଜୀଉଙ୍କୁ ରକ୍ତ ବସ୍ତ୍ର ଆବରଣ ଦେଇଥାନ୍ତି । ଏହାପରେ ନବଯୌବନ ପୂର୍ବରୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଶେଷ ଦଫାରେ ବିଳମ୍ବିତ ରାତିରେ ଖଳି ଲାଗି ଦିଆଯାଏ । ଏହି ଖଳିକୁ ଶୁଦ୍ଧ ସୁଆରମାନେ ନିଜ ନିଜ ବାସଭବନରେ ଶୁଦ୍ଧ ସହକାରେ ପ୍ରସ୍ତୁତ କରିଥାନ୍ତି । ପୂର୍ବ ସନ୍ଧ୍ୟାରେ ଧୂପ ପରେ ଏହି ଖଳିକୁ ପ୍ରସ୍ତୁତ କରି ଶୁଦ୍ଧ ସୁଆରଙ୍କୁ ବାସଭବନରେ ଅଧିବାସରେ ରଖିଥାଆନ୍ତି । ଏହି ଖଳି ବିଜେ ପାଇଁ ଶ୍ରୀମନ୍ଦିରରୁ ଘଣ୍ଟ, ଛତା ସହ ଡକାରା ଯାଇଥାଏ ଶୁଦ୍ଧ ସୁଆର ସେବକଙ୍କ ବାସଭବନକୁ । ତିନି ଠାକୁର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଖଳି ବିଜେରେ ତିନିଜଣ ସେବାୟତ ଶ୍ରୀମନ୍ଦିର ଯାଇଥାଆନ୍ତି । ବିଜେ କାହାଳୀ, ବଜୟନ୍ତ୍ରୀ, ଘଣ୍ଟ, ଛତା ସହ ଶୋଭାଯାତ୍ରାରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ନିମନ୍ତେ ତିନି ଶୁଦ୍ଧ ସୁଆର ଅଧିବାସିତ ଖଳି ପ୍ରସାଦକୁ ଶ୍ରୀମନ୍ଦିର ବିଜେ କରିଥାନ୍ତି । ଏହା ପୂର୍ବରୁ ଏହି ଖଳିକୁ ଶୁଦ୍ଧ ସୁଆରଙ୍କ ବାସଭବନରେ ଖଳି ହାଣ୍ଡିକୁ ମହିଳାମାନେ ବନ୍ଦାପନା କରିଥାନ୍ତି । ବିଜେ କାହାଳି ବାଜିବା ପରେ ବରକନ୍ଦାଜଙ୍କ ସୁରକ୍ଷା ବଳୟ ଭିତରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ବିଜେ କରିଥାନ୍ତି । ଶୁଦ୍ଧ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ବିଳମ୍ବିତ ରାତିରେ ଏହି ଖଳିକୁ ଶ୍ରୀବିଗ୍ରହଙ୍କୁ ଲାଗିର ଗୋପନ ସେବା ସଂପନ୍ନ ହୋଇଥାଏ ।

ଅଲାରନାଥ ଦର୍ଶନ ଶ୍ରୀଜୀଉଙ୍କ ଅନବସର କାଳରେ ସାଧାରଣ ଦର୍ଶନ ସମ୍ଭବ ହୋଇନଥାଏ । ମନ୍ଦିରରେ ପୂଜା ପାଆନ୍ତି ପଟିଦିଅଁ । ତେବେ ଶ୍ରୀଜଗନ୍ନାଥ ଦର୍ଶନର ପୂଣ୍ୟ ଲାଭ ହୁଏ ପ୍ରଭୁ ଅଲାରନାଥଙ୍କ ଦର୍ଶନରେ । ପୁରୀର ବ୍ରହ୍ମଗିରିଠାରେ ଏକ ସୁଦୃଶ୍ୟ ମନ୍ଦିରରେ ବିଦ୍ୟମାନ ଅଛନ୍ତି ଶ୍ରୀ ଅଲାରନାଥ । ଶିଳା ବିଗ୍ରହ ଶିଳା ବ୍ରହ୍ମ ନାରାୟଣ ମୂର୍ତ୍ତି ଶ୍ରୀ ଅଲାରନାଥ । ଶ୍ରୀ ଜଗନ୍ନାଥଙ୍କର ମୂଳ ବିଗ୍ରହ ନୀଳମାଧବଙ୍କର ଯେଉଁ ରୂପ ବର୍ଣ୍ଣନା ଇନ୍ଦ୍ର ନୀଳମଣି ପୁରାଣ, ସ୍କନ୍ଦ ପୁରାଣ, କପିଳ ସଂହିତା, ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟରେ ହୋଇଛି, ସେ ସବୁ ପ୍ରତିମା ଲକ୍ଷଣ ଅଲାରନାଥ ବିଗ୍ରହରେ ପ୍ରତିଭାତ ହେଉଥିବାରୁ ନୀଳାଚଳରୁ ଅନ୍ତର୍ହିତ ନୀଳମାଧବ ଅଲାଲ୍ୟ ବ୍ରାହ୍ମଣ ଗୃହାବସ୍ଥାନ ପରେ ବ୍ରହ୍ମଗିରିଠାରେ ଆର୍ବିଭୂତ ହୋଇଥିବା ଅନୁମାନ ସତ୍ୟରେ ପରିଣତ ହୋଇଛି । କଳା ଦୃଷ୍ଟିରୁ ପ୍ରାୟ ଛଅଫୁଟ ଉଚ୍ଚତା ବିଶିଷ୍ଟ ଗୋଟିଏ ମାତ୍ର କଳାମୁଗୁନି ପ୍ରସ୍ତର ନିର୍ମିତ ଅଲାରନାଥଙ୍କ ବିଗ୍ରହ ଏକ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରଭା ବା ତୋରଣ ମଧ୍ୟରେ ଦଣ୍ଡାୟମାନ । ଏହି ବିଷ୍ଣୁ ବିଗ୍ରହଙ୍କୁ ପରମ ଗୋପନୀୟ ମନ୍ତ୍ରରେ ସ୍ୱୟଂ ବ୍ରହ୍ମା ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀ କାଳରେ ହିନ୍ଦୁଧର୍ମର ପ୍ରଚାରକ ରୂପେ ଶ୍ରୀ ସମ୍ପ୍ରଦାୟର ଦ୍ୱାଦଶ ପୂର୍ବସୂରୀ ପରମ ବିଷ୍ଣୁଭକ୍ତ ପାର୍ଷଦଗଣ ଏହି ପୀଠରେ ଅବସ୍ଥାନ ପୂର୍ବକ ବ୍ରହ୍ମାକର୍ତ୍ତୃକ ପ୍ରତିଷ୍ଠିତ ଚତୁର୍ଭୁଜ ଜନାର୍ଦ୍ଦନ ବିଷ୍ଣୁଙ୍କୁ ପଞ୍ଚରାତ୍ର ବିଧିରେ ପୂଜାର୍ଚ୍ଚନା କରୁଥିଲେ, ତତ୍କାଳରେ ଏହାଙ୍କୁ ଆଲୋୟାର ବା ଆଲବର ସମ୍ପ୍ରଦାୟ କୁହାଯାଉଥିଲା । ଉକ୍ତ ଆଲବରମାନଙ୍କର ପ୍ରଭୁ ଶ୍ରୀମନ୍ନାରାୟଣ କ୍ରମଶଃ ଆଳବର ନାଥ, ଆଲାରନାଥ – ଅଲାରନାଥ ନାମରେ ବହୁ ପ୍ରସିଦ୍ଧି ଲାଭ କଲେ । ଅନବସର ପନ୍ଦରଦିନ ଏବଂ ମହାଅଣସର ସମୟରେ ଅଲାରନାଥ ଦର୍ଶନ ଏକ ବିଧି ।

*ସହପ୍ରତିରତ୍ୱିକ, ପ୍ରେଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଶିକ୍ଷାନୁଷ୍ଠାନ ନିଶାମୁକ୍ତ ହୋଇପାରୁନି


**ପୁଷ୍ପମିତ୍ର ମହାପାତ୍ର**

ତମାଖୁ ମୁକ୍ତ କ୍ୟାମ୍ପସ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ତମାଖୁ ବର୍ଜନ ଦିବସ ଆସିଲେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ହେଲେ ସ୍କୁଲ, କଲେଜ ପାଖରେ ଖୋଲିଥିବା ସିଗାରେଟ ଗୁଟଖା ଦୋକାନ ବନ୍ଦ ହୋଇପାରୁନି । ଶିକ୍ଷାନୁଷ୍ଠାନର ଶହେ ମିଟର ଦୂରରେ କୌଣସି ନିଶା ସାମଗ୍ରୀ ଦୋକାନ ରହିବ ନାହିଁ ବୋଲି ନିୟମ ରହିଥିଲେ ମଧ ଏହାକୁ କେହି ମାନୁନାହାନ୍ତି । ଏହି ଆଇନ ୨୦୦୩ରୁ ଲାଗୁ କରଯାଇଛି । କିନ୍ତୁ ଏବେ ଶିକ୍ଷାନୁଷ୍ଠାନ ନିକଟରେ ମାଳ ମାଳ ନିଶାଦ୍ରବ୍ୟ ଦୋକାନ ରହିଛି । ଶିକ୍ଷାର୍ଥୀମାନେ ଏଠାରୁ ନିଶା ସେବନ କରୁଛନ୍ତି । ପୋଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାବେଳେ ଏହାର ବେଶ ଫାଇଦା ଉଠାଉଛନ୍ତି ବ୍ୟବସାୟୀ । ଦୋକାନୀମାନେ ଖୁଲମଖୋଲା ସବୁଠାରେ ବିକ୍ରି କରୁଛନ୍ତି । ଏପରିକି ଗଞ୍ଜେଇ ଓ ବ୍ରାଉନସୁଗାର ବି ଏସବୁ ଦୋକାନରେ ମିଳୁଥିବା ଜଣାପଡ଼ିଛି ।


ଖୁସିର କଥା ଯେ ଓଡ଼ିଶା ସରକାର ଗତବର୍ଷ ଅଗଷ୍ଟ ମାସ ଠାରୁ 'ହ୍ୱାଇଟ ସ୍ୱାଇଡର' (ଧଳା ବୁଢ଼ିଆଣୀ) ନାମରେ ଏକ ବିଶେଷ ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି । ଅବକାରୀ ଗୁଇନ୍ଦା ତଥା ସାଧାରଣ ଜନତାଙ୍କ ଠାରୁ ସୂଚନା ଭିତ୍ତିରେ ବହୁ ନିଶା ମାଫିଆ ଧରାପଡ଼ିଲେଣି । ଦିନକୁ ଦିନ ଏହିଭଳି କଡ଼ାକଡ଼ି ତନଖି ଚାଲିଛି ଏବଂ କୋଟି କୋଟି ଟଙ୍କାର ଧଳା ଜହର ବା ହେରୋଇନ ଓ ବ୍ରାଉନ ସୁଗାର ଧରାପଡ଼ିସାରିଲାଣି । ଅବଶ୍ୟ ଏଥିରେ ଆନ୍ତଃରାଜ୍ୟ ମାଫିଆ ଗୋଷ୍ଠୀ ଅନ୍ତର୍ଭୁକ୍ତ । ଆମ ରାଜ୍ୟରେ ରାଜ୍ୟ ସରକାରଙ୍କ ହ୍ୱାଇଟ ସ୍ୱାଇଡର ଅଭିଯାନ ସହିତ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ ଜଗି ରହିଛନ୍ତି ଏବଂ ବହୁ ପୂର୍ବରୁ ସଂଗଠିତ ଭାବେ କାମ କରୁଥିବା ନିଶାମୁକ୍ତି ଅଭିଯାନ ମଧ ସକ୍ରିୟ ରହିଛି । ନିକଟରେ ଯାଇଛି ବିଶ୍ୱ ତମାଖୁ ବର୍ଜନ ଦିବସ । ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ ଏହାକୁ ପାଳନ କରାଯାଉଛି । ସଚେତନା ଶୋଭାଯାତ୍ରା ମଧ କରାଯାଉଛି । ସବୁପରେ ମଧ ଏହାକୁ ବନ୍ଦ କରାଯାଇପାରୁନାହିଁ । ଯେଉଁମାନେ ଖୋଲାଖୋଲି ଉଲଂଘନ କରୁଛନ୍ତି ସେମାନଙ୍କ ପ୍ରତି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଉଛି । ପୋଲିସ ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ସ୍ଥାନୀୟ ପ୍ରଶାସନ ସମସ୍ତେ ନଦେଖିଲା ପରି ରହୁଛନ୍ତି । ଅନେକ ପ୍ରତିଷ୍ଠିତ ହାଇସ୍କୁଲ ପ୍ରାଥମିକ ବିଦ୍ୟାଳୟ ନିକଟରେ ନିଶାଦ୍ରବ୍ୟ ବିକ୍ରି କରାଯାଉଛି । କେବଳ ସ୍କୁଲ ନୁହେଁ ମହାବିଦ୍ୟାଳୟ ନିକଟରେ ଏବଂ ଏହାର ଚାରିପାଖରେ ଛତୁ ଫୁଟିଲା ଭଳି ଦୋକାନ ରହିଛି । କ୍ୟାମ୍ପସ ଭିତରେ ସିଗାରେଟ, ଗୁଟୁଖା ଖୋଲାରେ କାରବାର ଚାଲିଛି । ଅନେକ ସମୟରେ ଲୁଚାଛପାରେ ମଦ, ଗଞ୍ଜେଇ ମଧ ବିକ୍ରି ହେଉଛି । କେବଳ ରାଜଧାନୀ ନୁହେଁ, ରାଜ୍ୟସାରା ସମାନ ଅବସ୍ଥା ଦେଖିବାକୁ ମିଳୁଛି । ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏସବୁ ଦେଖୁଥିଲେ ମଧ ଚୁପ ରହୁଛନ୍ତି । କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ତମାଖୁ ନିୟନ୍ତ୍ରଣ କମିଟିକୁ ଦିଆଯାଇଥିଲେ ମଧ କମିଟି ନୀରବଦ୍ରଷ୍ଟା ସାଜିଛି । ମଝିରେ ମଝିରେ ଲୋକଦେଖାଣିଆ ଭାବେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଏ । କେବଳ ଜୋରିମାନା ଆଦାୟ କରାଯାଏ । ତାପରେ ଯଥା ପୂର୍ବଂ ତଥା ପର ନୀତିରେ ପୁଣି ବେପାର ଚାଲେ ।

ସୂଚନା ଅନୁସାରେ କ୍ୟାମ୍ପସକୁ ଡ୍ରଗ୍ସ, ତମାଖୁ ଓ ମଦ୍ୟପାନମୁକ୍ତ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ଅଧୀନରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ କଲେଜର କୌଣସି ପ୍ରଫେସର, ଅଧ୍ୟାପକ କିମ୍ବା କର୍ମଚାରୀମାନେ ଯଦି ମଦ୍ୟପାନ/ନିଶା ସେବନ କରି କ୍ୟାମ୍ପସକୁ ଆସନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବ୍ୟବସ୍ଥା ରହିଛି । ଆଇନ ଅନୁଯାୟୀ କ୍ୟାମ୍ପସ ନିକଟରୁ ତମାଖୁ ଦୋକାନ ହଟାଇବା ଲାଗି ପୁଲିସ ସହାୟତାରେ ଚଢ଼ଉ କରାଯିବାକୁ ନିଷ୍ପତ୍ତି ହୋଇଥିଲା । କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ଼ଲାଇନର ସଂଶୋଧନ ନିୟମକୁ କଡ଼ାକଡ଼ି ଲାଗୁ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ । ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା (ଏନଏସଏସ) ସଦସ୍ୟଙ୍କୁ ଗୁରୁଦାୟିତ୍ୱ ଦିଆଯାଇଥିଲା । ପନ୍ଦର ଦିନ କିମ୍ବା ମାସକୁ ଅତିକମରେ ଥରେ ସଚେତନତା କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା । କେତେକ ଶିକ୍ଷାନୁଷ୍ଠାନରେ କାଁ ଭାଁ ସଚେତନତା କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ନିଶା ରୋକିବା ପାଇଁ କ୍ୟାମ୍ପସ ଗୁଡ଼ିକରେ ଆଖି ଦୃଶିଆ ପଦକ୍ଷେପ ନିଆଯାଉନି ।

ଯଦି ଆମେ ଆମର ଭବିଷ୍ୟ ପିଢ଼ିକୁ ଏକ ନିଶ୍ଚିତ ମୃତ୍ୟୁଯନ୍ତାରୁ ରକ୍ଷା କରିବାକୁ ଚାହୁଁଥିବା, ତେବେ ଏହି 'ଧଳା ବୁଢ଼ିଆଣୀ' ବନାମ 'ମାଟିଆ ଚିନି' ଅଭିଯାନରେ ରାଜ୍ୟ ଅବକାରୀ ବିଭାଗ ସହିତ ଖୋଲାଖୋଲି ସହଯୋଗ କରିବା ଅତ୍ୟାବଶ୍ୟକ । ପାଖ ପଡ଼ୋଶୀରେ, ବଜାରରେ, ଦୋକାନରେ ଯେଉଁଠି ବି ନିଶା ଦ୍ରବ୍ୟ କାରବାରର ଆଭାସ ମିଳିବ, ତାହା ଆମେ ସରକାରଙ୍କ ଦ୍ୱାରା ବିଶେଷ ଭାବେ ପ୍ରଚାରିତ ହ୍ୱାଟସଆପ ନଂରେ ତତ୍‌କ୍ଷଣାତ ଜଣାଇବା ଦରକାର । ନ ହେଲେ ଧୀରେ ଧୀରେ ଏହି ଧଳା ଓ ମାଟିଆ ଜହର ଅକ୍ଟୋପସର ପଞ୍ଝା ବିସ୍ତାର କରି ଆମ ଯୁବ ସମାଜକୁ କବଳିତ କରିଦେବ । ସଭ୍ୟ ସମାଜରେ ଜନଜାଗୃତି ସବୁପ୍ରକାର ଦୁର୍ନୀତି ଓ ଦୁର୍ଷ୍କମକୁ ବିରୋଧ କରିବା ପାଇଁ ସବୁଠାରୁ ପ୍ରଭାବୀ ଶକ୍ତି ଭାବେ ଯୁଗେ ଯୁଗେ ପରିଚିତ । ଆମେ ଆଜି ସେହି ଶକ୍ତିକୁ ଆହ୍ୱାନ କରୁଛୁ ଯେ ଆମ ରାଜ୍ୟକୁ ଓ ଦେଶକୁ ନିଶା ଅଜଗରର କବଳରୁ ମୁକ୍ତି ଦେବା ପାଇଁ ସମସ୍ତେ ଅଣ୍ଟା ଭିଡ଼ି ଧଳା ବୁଢ଼ିଆଣୀ ବନାମ ମାଟିଆ ଚିନି ଅଭିଯାନର ସ୍ୱଂୟସେବକ ଓ ସୈନିକ ଭାବେ ସମାଜ ରକ୍ଷା ପାଇଁ ଆଗେଇ ଆସନ୍ତୁ । ଓଡ଼ିଶା ଅବକାରୀ ଅଧିନିୟମରେ ମଦ ବ୍ୟବସାୟ ଲାଗି ଯେଉଁ ସ୍ଥାନ ଓ ବ୍ୟକ୍ତିଙ୍କ ଉପରେ କଟକଣା ରହିଛି, ବସ୍ତୁତଃ ସେହି ନିଷିଦ୍ଧାଞ୍ଚଳଗୁଡ଼ିକରେ ସଂଖ୍ୟାଧିକ ନିଶା ଦୋକାନ ଚାଲିଛି । ୨୦୧୩ ଏପ୍ରିଲରେ ରାଜ୍ୟ ସରକାର ଘୋଷଣା କରିଥିବା ରାଜ୍ୟ ଯୁବନୀତିରେ ଯୁବପିଢ଼ି ମଧ୍ୟରେ ନିଶା ଓ ଅନ୍ୟ ମାଦକ ଦ୍ରବ୍ୟ ପ୍ରସାର ନେଇ ଉଦବେଗ ପ୍ରକାଶ କରାଯିବା ସହିତ ନିଶାମୁକ୍ତ ଗ୍ରାମ ପ୍ରତିଷ୍ଠା ଲାଗି କୁହାଯାଇଥିଲେ ମଧ ନିଶା ନିବାରଣ ପାଇଁ ଆନ୍ତରିକତା ଅଭାବରୁ ଯୁବନୀତିର ଏହି ଆଭିମୁଖ୍ୟ ସଫଳ ହେବା ପରିବର୍ତ୍ତେ ବିଫଳ ହେଉଛି । ତେଣୁ ଯଦି ସରକାର ପକ୍ଷରୁ ଏସବୁ ନିୟମକୁ କଡ଼ାକଡ଼ି ପାଳନ କରାଯିବା ସହିତ ଉଲଂଘନକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତେବେ ଯାଇ କ୍ୟାମ୍ପସ ନିଶାମୁକ୍ତ ହୋଇପାରିବ ।

*ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ*


# ଆଜି ବି ପ୍ରାସଙ୍ଗିକ ଚାଣକ୍ୟନୀତି.... !


**ଗୋପାଳ ମହାପାତ୍ର**

ଆଜିଠାରୁ ପାଖାପାଖି ୨୫୦୦ବର୍ଷ ପୂର୍ବେ ? ଜନ୍ମଗ୍ରହଣ କରିଥିଲେ ବିଷ୍ଣୁଗୁପ୍ତ କୌଟିଲ୍ୟ(ଚାଣକ୍ୟ) । ଅତ୍ୟାଚାରୀ ନନ୍ଦ ବଂଶକୁ ସମାପ୍ତ କରି ଚାଣକ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ରାଜଗାଦିରେ ବସାଇଥିଲେ । ବିଷ୍ଣୁଗୁପ୍ତ କୌଟିଲ୍ୟ ଓ ଚାଣକ୍ୟ ଏଇ ତିନି ନାମ ଜଣେ ବ୍ୟକ୍ତିଙ୍କର ଯିଏ ନିରପେକ୍ଷ ଶାସନ ପ୍ରସଙ୍ଗରେ ଅନେକ କଥା ଉଲ୍ଲେଖ କରିଯାଇଛନ୍ତି । ସେ ସୁଶାସନ ପାଇଁ ବିକେନ୍ଦ୍ରିତ ସମାଜ ସଂପୂର୍ଣ୍ଣ ଭାବେ ଦାୟୀ ବୋଲି କହିଛନ୍ତି । ଚାଣକ୍ୟଙ୍କ ମତରେ "ଶାସନ ରାଜ୍ୟର ସୈନ୍ୟବଳ ବା ଧର୍ମ ବଳରେ ନୁହେଁ, ଜନଶକ୍ତିରେ ସଫଳ ହୋଇଥାଏ" । ନିର୍ଭୀକ ଭାବେ ଏକଥା କହିଥିବା ଚାଣକ୍ୟ ଶାସନ ଠାରୁ ଦୂରରେ ଏକ ଜୀର୍ଣ୍ଣ ଶୀର୍ଣ୍ଣ କୁଡିଆ ଘରେ ଜୀବନ କାଟୁଥିଲେ । ସେନାର ବଳ ଉପରେ ନିର୍ଭର କରୁଥିବା ଦେଶର ଅବସ୍ଥା କିପରି ବିଗିଡିଯାଉଛି ସେ କଥା ଆମେ ତ ଦେଖୁଛେ । ଧର୍ମାନ୍ଧ ଦେଶ ବର୍ତ୍ତମାନର ସମୟରେ ମଧ କେମିତି ଅବ୍ୟବସ୍ଥା ଦେଇ ଗତି କରୁଛି ସେ କଥା ମଧ ଆମେ ଦେଖୁଛେ । ଏକଥା ସତ୍ୟ ଯେ ଚାଣକ୍ୟଙ୍କ କାଳ ବା ସମୟରେ ଉଦ୍‌ଯୋଗର ବିକାଶ ନଥିଲା କିନ୍ତୁ ଏବେର ସମୟ ଭଳି ସେ ସମୟରେ ବିଦେଶୀ ପ୍ରଭାବ ଥିଲା । ଯେତେବେଳେ ଚନ୍ଦ୍ରଗୁପ୍ତଙ୍କ ରାଜ୍ୟ ଉପରେ ବିଦେଶୀ ଆକ୍ରମଣ ହୋଇଥିଲା ସେତେବେଳେ ଚାଣକ୍ୟଙ୍କ କୁଶଳମାର୍ଗଦର୍ଶନ ପାଇଁ ଚନ୍ଦ୍ରଗୁପ୍ତଙ୍କ ସେନା ସିକନ୍ଦରଙ୍କୁ ପରାସ୍ତ କରିପାରିଥିଲେ । ରାଜ୍ୟ(ରାଷ୍ଟ୍ର)ର ସଫଳତା ପାଇଁ ଶସ୍ତ୍ର, ଶାସ୍ତ୍ର ଏବଂ ଭୂମିର ସମୁଚିତ ଦୋହନ ଜରୁରୀ ଅଟେ । ଏହି ଚାଣକ୍ୟ ବିଧାନ ଆଜି ବି ପ୍ରାସଙ୍ଗିକ ଅଟେ । ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଏକଦମ୍ ଠିକ୍ ସ୍ଲୋଗାନ ଦେଇଥିଲେ "ଜୟ ଯବାନ ଜୟ କିଶାନ" ।

ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା ଚାଣକ୍ୟ ହିଁ ଆରମ୍ଭ କରିଥିଲେ । ଭାରତକୁ ଚାଣକ୍ୟଙ୍କର ଏହା ହେଉଛି ସର୍ବୋତ୍ତମ ଉପହାର । ଜମି ଏବଂ ଜଙ୍ଗଲ ହେଉଛି ଭାରତର ମୂଳଧନ । କିନ୍ତୁ ଯେତେବେଳେ ବେପାରୀ ତାର ମୂଳଧନକୁ ଖାଇବା ଆରମ୍ଭ କରେ ସେତେବେଳେ ତାର ବେପାର ବୁଡିଯାଏ ବା ନଷ୍ଟ ହୋଇଯାଇଥାଏ । ଏକଥାକୁ ନେଇ ଚାଣକ୍ୟ ଜମିକୁ ସୁଧାରିବା ପାଇଁ କାମ କରିଥିଲେ । ଦେବଦାସୀ, ବିଧବା, ପରିତ୍ୟକ୍ତା, ବିକଳାଙ୍ଗ ଏବଂ ଯୌନକର୍ମୀମାନଙ୍କଗୁଜୁରାଣ ପାଇଁ ଚାଣକ୍ୟଙ୍କ ପରାମର୍ଶରେ ରାଜା ରୋଜଗାର ଉପଲବ୍ଧ କରାଉଥିଲେ । ସେମାନଙ୍କୁ ସୂତାକାଟିବା, ମନ୍ଦିରରେ ଦୀପ ପାଇଁ ବଳିତା ତିଆରିକରିବା ଭଳି ଛୋଟ ଛୋଟ କାମ କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଥିଲା ପ୍ରତି ଗ୍ରାମରେ ପୁଷ୍କରିଣୀ ଓ ଗୋରୁ ଚରିବା ପାଇଁ ଗୋଚର ଜମି ରଖାଯିବାର ବ୍ୟବସ୍ଥା ଥିଲା କୌଟିଲ୍ୟଙ୍କ ପରାମର୍ଶ । ଗୋଚର ଜମି ରଖାଯିବା ବ୍ୟବସ୍ଥା ଅବୈଜ୍ଞାନିକ ନୁହେଁ । ପତିତ ଜମିରେ ପଶୁମାନଙ୍କୁ ରଖାଯାଉଥିଲା । ଗୋରୁ ବା ପଶୁମାନଙ୍କ ପାଇଁ ଘାସ ଓ ପାଣିର ବ୍ୟବସ୍ଥା ପଞ୍ଚାୟତ କରୁଥିଲା । ୧୨ବର୍ଷ ଧରି ପଶୁମାନେ ଗୋଟିଏ ଜାଗାରେ ରହିବା ପରେ ଗୋବର ଓ ଗୋମୁତ୍ର ଯୋଗୁଁ ସେହି ଭୂମି ଉର୍ବର ହୋଇଯାଉଥିଲା । ଏଣୁ ପଶୁମାନଙ୍କୁ ପୁନଃ ଏକ ପତିତ ଜମିରେ ନେଇ ରଖାଯାଉଥିଲା । ଏହି ଭଳି ଭାବେ କୃଷି ଉପଯୋଗୀ ଭୂମିର ବିସ୍ତାର କରାଯାଉଥିଲା । ଜଙ୍ଗଲ ଏବଂ ଜମି ପଞ୍ଚାୟତ ଅଧୀନରେ ରହିବ ବୋଲି ଚାଣକ୍ୟ ରାଜାଙ୍କୁ ପରାମର୍ଶ ଦେଇଥିଲେ ଓ ତାହା କାର୍ଯ୍ୟକାରୀ ହୋଇଥିଲା । ଚାଣକ୍ୟଙ୍କ ମତରେ ଗାଁ(ଗ୍ରାମ) ଏବଂ ଭୂମି(ଚାଷଯୋଗ୍ୟ ଜମି)ର ଆକାର ଛୋଟ ହେବା ଆବଶ୍ୟକ । ପ୍ରତି ଗାଁରେ ୧୦୦ ରୁ ୫୦୦ ଘର ରହିବା ଦରକାର । ଚାଣକ୍ୟ ବନୀକରଣ କୁ ମଧ ଗୁରୁତ୍ୱ ଦେଇଥିଲେ । ବୃକ୍ଷରୁ ପଶୁମାନଙ୍କ ପାଇଁ ଚାରା(ଡାଳପତ୍ର), ଘର ତିଆରି ପାଇଁ କାଠ ଏବଂ ଜାଳେଣୀ କାଠର ବ୍ୟବସ୍ଥା କରାଯାଉଥିଲା । ଚନ୍ଦ୍ରଗୁପ୍ତଙ୍କ ଶାସନ କାଳରେ ଜଙ୍ଗଲ କାଟୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉଥିଲା । ପଶୁମାନଙ୍କ ପାଇଁ ପ୍ରତି ଗ୍ରାମରେ ଚିକିତ୍ସକ ଥିଲେ । ସେହି ଚିକିତ୍ସକମାନଙ୍କ ଭରଣ ପୋଷଣ ପାଇଁ ରାଜା ଜମି ଯୋଗାଇ ଦେଉଥିଲେ । କିନ୍ତୁ ସର୍ତ୍ତ ଥିଲା ଯେ ସେମାନେ ଜମି ବିକ୍ରୟ କରିପାରିବେ ନାହିଁ । କୃଷକଙ୍କ ଠାରୁ ଉଚିତ ମୂଲ୍ୟରେଶସ୍ୟ କ୍ରୟ କରାଯାଉଥିଲା । ପ୍ରତି ଗାଁରେ ଜଣେ ଜଣେ ସନ୍ଦେଶ ବାହକଙ୍କୁ ରଖାଯାଉଥିଲା ଯିଏ ଗାଁର ସମସ୍ୟା ରାଜାଙ୍କ ପାଖରେ ପହଞ୍ଚାଇ ପାରୁଥିଲା । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ମୁଦ୍ରା ବିନିମୟ ଏବଂ ନେଣଦେଣକଥା ଉଲ୍ଲେଖ ନାହିଁ । ତାଙ୍କ ଲିଖିତ ଅର୍ଥଶାସ୍ତ୍ର ଏକ ପ୍ରକାରର ସମାଜ ଶାସ୍ତ୍ର ଯେଉଁଥିରେ ରାଜା ଓ ସାଧାରଣ ଲୋକଙ୍କର କର୍ତ୍ତବ୍ୟ ବାବଦରେ ଅନେକ କଥା ଉଲ୍ଲେଖ ରହିଛି । ଦୁର୍ଭାଗ୍ୟର କଥା ଯେ ଆମ ଦେଶରେ ସ୍କୁଲ ଏବଂ କଲେଜରେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ପଢାଯିବା ତ ଦୂରର କଥା ତା ଉପରେ ଆଲୋଚନା ମଧ କରାଯାଉନାହିଁ । ଚାଣକ୍ୟ ଗାଁର ବିକାଶ କଥା ସହ ନଗର(ସହର)ର ବିଧାନ ମଧ ଲେଖିଛନ୍ତି । ନଗରମାନଙ୍କର ଲୋକ ସଂଖ୍ୟା ସୀମିତ ରହିବା ଉପରେ ଚାଣକ୍ୟ ଗୁରୁତ୍ୱ ଦେଇଛନ୍ତି । ସେ ସମୟରେ ନଗରମାନଙ୍କରେ ଭିଡ ବଢିଲେ ସେମାନଙ୍କୁ ଗାଁକୁ ପଠାଇ ଦିଆଯାଉଥିଲା । ସନ୍ଧ୍ୟାରେ ନଗରର ମୁଖ୍ୟ ଦ୍ୱାର ବନ୍ଦ କରିଦିଆଯାଉଥିଲା । ସୁଖର କଥା ଯେ ଭାରତର ବିଭିନ୍ନ ରାଜ୍ୟମାନଙ୍କର ଅନେକ ପଞ୍ଚାୟତକ୍ରାନ୍ତିକାରୀ ପଦକ୍ଷେପ ନେଇ ସେ ଅଞ୍ଚଳର ସମାଜକୁ ସସକ୍ତ କରିପାରିଛି । ଧର୍ମ ସ୍ଥଳ ହେଉ ବା ହସ୍ତଶିଳ୍ପ, ତେଲ ଉତ୍ପାଦନ(ଘଣା ଦ୍ୱାରା ପେଶାଯାଇ ), ସାବୁନ ଏପରିକି ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ବସ୍ତୁ ନଷ୍ଟକୁ ବିରୋଧ ହେଉ ପଞ୍ଚାୟତ ସ୍ତରରେ ଅନେକ କାମ କରାଯାଇପାରିଛି । ଏସବୁକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଏବଂ ସସକ୍ତ କରିବା ପାଇଁ ଚାଣକ୍ୟ ଅଜି ବି ପ୍ରାସଙ୍ଗିକ । ଗାନ୍ଧୀ ବିଚାରରେ ଏହି ଦର୍ଶନକୁ ଗଭୀର ଭାବେ ବୁଝିବା ପାଇଁ ସମସ୍ତ ପ୍ରମାଣ ମହଜୁଦ ରହିଛି ।

*ରାମଚନ୍ଦ୍ରପୁର*
*ରଣପୁର*
*ମୋ-୯୪୩୮୪୮୫୦୯୪*




# ଆପଣାପଣ


ସୁଦର୍ଶନ ମହାପାତ୍ର

ସବୁଦିନ ସକାଳୁ ବିଜୟ ଓ ମୁଁ ମେଡିସିନ ଇନଡୋର ସାମ୍ନାରେ ଥିବା ସେଇ ଛୋଟ ଅଥଚ୍ ଝଙ୍କାଳିଆ ଗଛ ତଳେ ଥିବା କ୍ୟାବିନ ରେ ପ୍ରସ୍ତୁତ ହେଉଥିବା ଚ଼ା' ପିଉ । ସବୁଦିନ କହିଲେ ଏଇ ଦଶ ବାର ଦିନ ହେବ। ଯେବେଠୁ ବିଜୟର ବାପା ଏବଂ ମୋର ଶିକ୍ଷାଗୁରୁ ଆସି ଏଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି।

ବିଜୟର ଅନୁରୋଧରେ ଏବଂ ନିଜର କର୍ତ୍ତବ୍ୟବୋଧରେ ମୁଁ ଆସି ଏଇଠି ତା ପାଖରେ ରହି କିଛି ସାହାଯ୍ୟ କରୁଛି। ସାହାଯ୍ୟ ଦିଏ ନଦିଏ ପରମ ବନ୍ଧୁର ଅସୁବିଧା ସମୟରେ ପାଖରେ ଠିଆ ହେଲେ ବି ସେ ଖୁସି ହେଉଛି ବୋଲି ମୁଁ ଅଛି।ପାଞ୍ଚଛଅ ଦିନ ଆଇ. ସି.ୟୁ. ରେ ରହିବା ପରେ ଏବେ ସାରଙ୍କୁ ଜେନେରାଲ ବେଡକୁ ଅଣାଯାଇଛି।

ଚ଼ା' ଦୋକାନୀ ଜଣକ ଗୋଟିଏ ରେଷ୍ଟସେଡ ଭଳି କରି କ୍ୟାବିନର ସାମ୍ନା ଦୁଇ ପଟରେ ସମାନ୍ତରାଳ ଭାବରେ ଦୁଇଟି ବେଞ୍ଚ ପକେଇ ଦେଇଛି। ବଡ଼ି ଭୋରରୁ ଆରମ୍ଭ କରି ରାତି ପ୍ରାୟ ଏଗାରଟା ପର୍ଯ୍ୟନ୍ତ ଦୋକାନଟି ଖୋଲା ଥାଏ।ଚ଼ା' ସହିତ ବିଭିନ୍ନ ପ୍ରକାରର ବିସ୍କୁଟ, ଛୋଟ କେକ୍, ପାଉଁରୁଟି ଇତ୍ୟାଦି ବି ସେଇଠି ଗଚ୍ଛିତ ଥାଏ।

କୌଣସି ପ୍ରକାର ରାତିଟା ହସ୍ପିଟାଲ ପରିସରରେ କଟାଇ ସକାଳୁ ସକାଳୁ ଚ଼ା' କପେ ଖାଇବା ପାଇଁ ବିଜୟ ଆଗ ପହଞ୍ଚି ଯାଏ ସେଇଠି ଏବଂ ସେ ଆସିଲେ ମୁଁ ସେଇଠିକି ଯାଏ।ଚ଼ା' ପିଇସାରି ସେଇ ବେଞ୍ଚରେ ବସିରହେ ଘଡ଼ିଏ। ସେଇଠି ବସିଥିବା ବେଳେ ଜଣେ ବୟସ୍କ ଭଦ୍ରବ୍ୟକ୍ତି ମଧ୍ୟ ସେଇ ବେଞ୍ଚର ଗୋଟିଏ ପଟକୁ ସବୁଦିନ ଆସି ବସୁଥିବାର ମୁଁ ଲକ୍ଷ୍ୟ କରେ। ତାଙ୍କୁ ଦେଖି ପ୍ରଥମେ ମୁଁ ଭାବୁଥିଲି, ତାଙ୍କର ପରିଚିତି କେହି ରୋଗୀ ନିଶ୍ଚୟ ଏଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି।

ଗୋଟିଏ କଥା ବି ଖୁବ୍ ଆଶ୍ଚର୍ଯ୍ୟ ଲାଗେ।ସେ ପ୍ରାୟ ଏକାଦିକ୍ରମେ ଦୁଇ ତିନି ଘଣ୍ଟା ଧରି ବସି ରହନ୍ତି। ସବୁ ଆଡକୁ ଚ଼ାହାନ୍ତି,ଚ଼ା' ପିଅନ୍ତି ,ତାଙ୍କ ପାଖରେ କେହି ଥିଲେ ଚ଼ା' ଯାଚ଼ନ୍ତି, ତାଙ୍କର ଭଲମନ୍ଦ କଥା ପଚ଼ାରନ୍ତି, ତାଙ୍କ ସଂପର୍କୀୟ ରୋଗୀର ଦେହ ପା' ସମ୍ପର୍କରେ ପଚ଼ାରି ବୁଝନ୍ତି।

ଏତେ ସମୟ ଧରି ଜଣେ ଏଠି ବସୁଛି କାହିଁକି? ପୁଣି ପ୍ରତିଦିନ ? ତାଙ୍କର କେହି ରୋଗୀ ଆଡମିଟ ହୋଇଥିଲେ ରୋଗୀର ଆତ୍ମୀୟ କେହି ଗୋଟିଏ ଜାଗାରେ ଏମିତି ଆସି ବସି ରହିପାରନ୍ତା ! ଏକଥା ବି ସତ, ଏଇଟା ଖାସ୍ ବସିବାର ଜାଗା ନୁହେଁ, କି ମନୋରଞ୍ଜନ କରିବାର ଜାଗା ନୁହେଁ। ଏସବୁ ଭାବନା ମୋତେ ଅଯଥାରେ ବ୍ୟତିବ୍ୟସ୍ତ କରୁଥିଲା।

ଦିନେ ମୁଁ ପହଞ୍ଚିବା ପୂର୍ବରୁ ସେଇ ଚ଼ା' ଦୋକାନକୁ ଆସି ସାରିଥିଲେ ସେଇ ଭଦ୍ରବ୍ୟକ୍ତି। ମୋତେ ଦେଖି ହଠାତ୍ ପଚ଼ାରି ଦେଲେ -'ଚ଼ା' ପିଇବେ ?'

ମୁଁ କିଛି କହିବା ପୂର୍ବରୁ ପଚ଼ାରିଲେ -' ଚ଼ିନି ନା ବିନା ଚ଼ିନି ? ଆପଣଙ୍କର ସୁଗାର ଅଛି କି ?'

ମୁଣ୍ଡ ହଲାଇ ନାସ୍ତିବାଚ଼କରେ ସୂଚ଼ନା ଦେଲି।

ଦୋକାନୀ ଠାରୁ ଚ଼ା' କପଟି ଆଣି ମୋତେ ଧରାଇ ଦେଇ ହସି ହସି କହିଲେ -' ନିଅନ୍ତୁ, ଆଜି ଦିନକ ବିନା ଚ଼ିନିର ଚ଼ା' ପିଇ ଦିଅନ୍ତୁ। ମୋର ସୁଗାର ଅଛି ତ ।'

ମୁଁ ତାଙ୍କ କଥାରେ ହସିଲି ଏବଂ ସେ ବସିଥିବା ବେଞ୍ଚରେ ପାଖକୁ ଲାଗି ବସି ଚ଼ା' ପିଇଲି।

-' ଆପଣଙ୍କର କ'ଣ କେହି ପେସେଣ୍ଟ ଏଠି ଅଛନ୍ତି ? ମୋ ପ୍ରଶ୍ନର ଉତ୍ତରରେ ସେ ହାତ ହଲେଇ ମନାକଲେ।ଚ଼ା' ଢୋକି କହିଲେ -' ଏଇ ମେନରୋଡ ର ଆରପଟେ ସେଇ ଯେଉଁ ସବୁଜ ରଙ୍ଗର କୋଠାଟି ଦେଖୁଛନ୍ତି, ସେଇଠି ମୁଁ ରୁହେ। ମୁଁ ଏଠାକୁ କେବଳ ଚ଼ା' ପିଇବାକୁ ଆସେନି, ବରଂ ଏଇଠି କିଛି ସମୟ ବସି ଲୋକ ମାନଙ୍କ ସହ କଥା ହୁଏ। ସମୟ କାଟିବାକୁ ଖାସ୍...! ଏମିତି ଦିନରେ ଦୁଇ ବେଳା ଆସେ।' ଏତିକି ବେଳକୁ ଭଦ୍ରବ୍ୟକ୍ତିଙ୍କ ମୁହଁ ସତେ ଯେପରି ନିଷ୍କରୁଣ ଦେଖାଗଲା। ଏତିକି କହି ସେ ବାକିତକ ଚ଼ା' ଶେଷ କରିବାକୁ ପ୍ରଯତ୍ନ କଲେ।

ଅତଏବ ମୁଁ ବି ଚୁପ ରହିଲି। ଯଦିଓ ତାଙ୍କୁ ପଚ଼ାରିବାକୁ ଅନେକ କିଛି ପ୍ରଶ୍ନ ମୋ ମନ ମଧ୍ୟରେ ଉଙ୍କି ମାରୁଥିଲା,ଆଉ କିଛି କଥା ସେଇ ସମୟରେ ପଚ଼ାରିବାକୁ କାହିଁକି କେଜାଣି ଉଚ଼ିତ୍ ମନେ କଲିନି।

ହେଲେ ପରଦିନ ସକାଳୁ ନାମ ଜାଣି ନଥିବା ସେ ଭଦ୍ରବ୍ୟକ୍ତିଙ୍କୁ ପାଇଲି ନାହିଁ। କିଛି ସମୟ ଅପେକ୍ଷା କରି ଫେରିଲି। ବୋଧହୁଏ ସେ ବ୍ୟକ୍ତି ଏପର୍ଯ୍ୟନ୍ତ ଆସି ନାହାନ୍ତି କିମ୍ବା ଆସି ଶୀଘ୍ର ଫେରି ଯାଇଛନ୍ତି ବୋଲି ଭାବିବା ଛଡା ମୋ ପାଖରେ କିଛି ଚ଼ାରା ନଥିଲା।

ପର ପର ଦୁଇ ଦିନ ଧରି ତାଙ୍କ ଦେଖା ନପାଇବାରୁ ଚ଼ାଲ ଚ଼ାଲ ହୋଇ ସେଇ ସବୁଜ ରଙ୍ଗର କୋଠା ଆଡକୁ ଚ଼ାଲିଲି। ମୋ ଯିବା ବୃଥା ହୋଇ ନଥିଲା। ସେ ଘର ବାହାରେ ଫୁଲ ଗଛରେ ପାଣି ଦେଉଥିଲେ। ମୋତେ ଦେଖି ଠିକ୍ ଚ଼ିହ୍ନି ପାରିଲେ ସେ ଏବଂ ଘର ଭିତରକୁ ଡାକି ନେଲେ।

ଘର ବାହାରେ ଲାଗିଥିବା ନାମଫଳକ ରୁ ତାଙ୍କ ନାମ 'କୃଷ୍ଣଚ଼ନ୍ଦ୍ର ଦେବତା' ବୋଲି ଜାଣିଲି। ଦେହ ଭଲ ନଥିବାରୁ ଘର ବାହାରକୁ ସେ ଯାଇ ନଥିଲେ ବୋଲି ଅଳ୍ପ ହସି କହିଲେ । ସେ ଘରେ ତାଙ୍କ ଛଡା ଆଉ କେହି ଯେ ରହୁନାହାନ୍ତି ବୁଝିବାକୁ ମୋତେ ବେଶୀ ସମୟ ଲାଗିଲା ନାହିଁ।

ମୋର ମନୋଭାବକୁ ସେ ବୋଧହୁଏ ପଢିପାରିଲେ। ସେ ନିଜ ଆଡୁ କଥା ଆରମ୍ଭ କଲେ।

-' ଏଇ ଘରଟି କେବଳ ମାଆ ପୁଅଙ୍କ ଜିଦ୍ ଆଗରେ ନତମସ୍ତକ ହୋଇ ମୁଁ ତିଆରି କରାଇଥିଲି। ପରିଣତ ବୟସରେ ଗାଁ ରେ ଯାଇଁ ଚ଼ଳିବା ମୁସ୍କିଲ ହେବ ବୋଲି ମୋ ସହିତ ଯୁକ୍ତି କରି ଏଇ ଜାଗାଟି କିଣାଇଥିଲେ ପତ୍ନୀ। ତା'ପରକୁ ଘର । ଯାହା କିଛି ସଞ୍ଚିତ ଥିଲା, ସବୁତକ ବିନିଯୋଗ କରି ଜାଗାଟି କିଣି କୌଣସି ମତେ ଘରକାମ ଶେଷ କଲି।

ହେଲେ ଘରେ ରହିବାର ଦୁଇ ମାସ ଯାଇଛି କି ନାହିଁ ପତ୍ନୀଙ୍କର ହାର୍ଟ ଆଟାକ ଆସିଲା ଏବଂ ସହରରେ ରହିଲେ ଦେହ ଅସୁସ୍ଥରେ ସଙ୍ଗେ ସଙ୍ଗେ ବିହିତ ବ୍ୟବସ୍ଥା କରିବା ସମ୍ଭବ ବୋଲି କହୁଥିବା ପତ୍ନୀ, ଏତେ ପାଖରେ ଥିବା ହସ୍ପିଟାଲ ଯିବା ଭିତରେ ଶେଷ ନିଃଶ୍ୱାସ ତ୍ୟାଗ କରି ସାରିଥିଲେ।'

ଏତିକି କହିବା ଭିତରେ ତାଙ୍କର ଆଖି ଲୋତକାପ୍ଲୁତ ହୋଇ ସାରିଥିଲା। ପୁଣି କଥା ଆରମ୍ଭ କଲେ କୃଷ୍ଣ ବାବୁ।

-' ବିଦେଶରେ ରହୁଥିବା ପୁଅ ସେଠାକାର ସୁଖ ଐଶ୍ୱର୍ଯ୍ୟ ଛାଡି ଏଠି ରହିବାକୁ ମନା କରିଦେଇଛି। ଗାଁ କୁ ଯିବାକୁ ଆଉ ମୁହଁ ନାହିଁ। ମୋ ଭାଗ ସମ୍ପତ୍ତି ବିକି ଭାଇଙ୍କ ପରିବାରଠୁ କେଉଁକାଳୁ ଅଲଗା ହୋଇ ଯାଇସାରିଛି।ଏବେ ଏଇଠି ଏମିତି ପଡି ରହିବା ଛଡା ଆଉ କିଛି ଉପାୟ ନାହିଁ।' ଆଖିରୁ ଲୁହ ପୋଛିଲେ ଭଦ୍ରବ୍ୟକ୍ତି ।

-' ପୁଅ ମଝିରେ ମଝିରେ ଆସୁଥିବ ତ !'

ଏତିକି ବେଳକୁ ତାଙ୍କ ଆଖିରେ ଆଉ ଥରେ ଲୁହ ଟଳମଳ କରୁଥିଲା।

-' ମୁଁ ଦୁଇ ଦିନ ଧରି ବାହାରକୁ ନଯାଇ ପ୍ରକୃତରେ ପୁଅକୁ ହିଁ ଅପେକ୍ଷା କରୁଥିଲି। ସେ ଏଇ ସହରରେ ରହୁଥିବା ଶ୍ୱଶୁର ଘରେ ଦୁଇ ଦିନ ରହି ଏଥର ସମୟ ନାହିଁ କହି ଆଜି ପୁଣି ତା' ଜାଗାକୁ ଫେରିଗଲା।'

କୃଷ୍ଣ ବାବୁଙ୍କ ଦୁଃଖ କାହାଣୀ ଶୁଣିବାକୁ ମୋର ଆଉ ଧୈର୍ଯ୍ୟ ନଥିଲା। ' ଚ଼ାଲନ୍ତୁ ଚ଼ା' ପିଇ ଆସିବା' କହି ତାଙ୍କୁ ବାଟରେ ପ୍ରବୋଧନା ଦେବାକୁ ଲାଗିଲି।

ଚ଼ା' ଦୋକାନ ପାଖରେ ପହଞ୍ଚିଲା ବେଳକୁ ବିଜୟ ସେଇଠି ଠିଆ ହୋଇଥିଲା। ତା'ର ମୁହଁ ଦେଖି କିଛି ଅସୁବିଧା ହୋଇଛି ବୋଲି ମୁଁ ବୁଝି ପାରିଲି।

- ' ବୋଉ ଫୋନ୍ କରି କାନ୍ଦୁଥିଲା।ଏଠିକି ଆସି ସୁଜୟ ସମୟ ବରବାଦ କରି ପାରିବନି ବୋଲି ସଫା ସଫା ମନା କରିଦେଲା। କିଛି ଅଘଟଣ ଘଟିଲେ ସେ ଦୁଇ ଦିନ ପାଇଁ ଆସିବାକୁ ପ୍ରତିଶ୍ରୁତି ଦେଇଛି। ଏ ସମୟରେ ସେ କିଛି ପଇସା ପତ୍ର ସାହାଯ୍ୟ କରି ପାରିବନି ବୋଲି ମଧ୍ୟ କହି ଦେଇଛି।' ଏତିକି କହିବା ଭିତରେ ବିଜୟ ଆଖିରେ ଲୁହ ଛଳଛଳ ହୋଇ ସାରିଥିଲା।

-' ଆରେ ଚ଼ିନ୍ତା କରନ୍ତୁ ନାହିଁ। ମୁଁ ତ ଅଛି।ରୋଗୀ ଭଲ ହେବା ପାଇଁ ପଇସା କ'ଣ ଅଭାବ ପଡିବ ?' କୃଷ୍ଣ ବାବୁଙ୍କ ମୁହଁରେ ଯେମିତି ଖେଳି ଯାଇଥିଲା ଅମାୟିକ ହସ।

କୃଷ୍ଣ ବାବୁ ଆମ ହାତରେ ଗୋଟିଏ ଗୋଟିଏ କପ୍ ଚ଼ା' ଧରାଇ ' ଆଜି ମୁଁ ବି ମିଠା ଚ଼ା' ର ସ୍ୱାଦ ଉପଭୋଗ କରୁଛି' ବୋଲି କହି ହୋ ହୋ ହୋଇ ହସି ଉଠିଲେ।ଏଇ ଟିକକ ଆଗରୁ ମୁହଁରେ ଫୁଟିଥିବା ବିଷର୍ଣ୍ଣତାକୁ ସେ କେମିତି କ'ଣ ପୋଛି ପକେଇଲେ ଭାବି ମୁଁ ଆଶ୍ଚର୍ଯ୍ୟ ହେଲି। ବିଜୟ ମୁହଁର ଭାବ ମଧ୍ୟ ଧିରେ ପରିବର୍ତ୍ତନ ହୋଇ ଆସୁଥିବାର ମୁଁ ଲକ୍ଷ କରୁଥିଲି....!!!

କୁଞ୍ଜବିହାରୀ ଲେନ, କଟକ
ମୋ : ୯୪୩୮୧୭୫୫୪୨

## ଜୀବନ

ବାଦଲ ଭୂୟାଁ



ବନ୍ଧୁମାନେ କାହିଁକି କରୁଛ
ମାନ ଅଭିମାନ
କାହିଁକି ଏ ମନୋମାଳିନ୍ୟର କୋଳାହଳ
ଏତେ ରାଗ ରୋଷର କାରଣ କଣ ପାଇଁ
ଜୀବନ ମାନେ କ'ଣ ସାଙ୍ଗସାଥିଙ୍କ
ସହିତ କଳିତ କରାଳ,
ମତାନ୍ତର, ଭାବାନ୍ତର।
ଏଇ ଜୀବନ ଜଞ୍ଜାଳ
ଭିତରେ ବିତିଗଲାଣି
କେତେ ଯୁଗ, ମଣିଷର କେତେ
ଯେ ଆୟୁଷ
କେତେ ମନ ମରମ ସବୁ
ହଜି ଏ ପୃଥିବୀ ପୃଷ୍ଠରୁ
ନେଲେଣି ବିଦାୟ
ନୂଆ ଜନ୍ମ ଜୀବନରେ ସକଳ
ମୁହୂର୍ତ୍ତ ହେଉଛି
କୋଳାହଳମୟ
ଚାଲ ସାଙ୍ଗ, ସବୁ ବନ୍ଧୁ ମୋର
ସଭିଙ୍କର ଦୁଃଖ
ଶୋକ ବିଷର୍ଣ୍ଣ ବେଳାରେ ପ୍ରବୋଧନା
ବାକ୍ୟ ପଦେ କହି
ସବୁ ମନ ମନ୍ଦିରରେ ଭରିଦିଅ
ପୁଲକର ଗୀତ
ଦେଖିବ ଜୀବନ ହୋଇଯାଇଛି
ବାତଂମୟ, ଅମୃତ ବଳୟ।
ଚାଲ ସାଥି ମୋର,
ଏକାହୋଇ ବୃନ୍ଦଗାନ କର ଜୀବନର
ସବୁଥିରେ ଏକ ନୁହେଁ
ଅନେକରେ ଆମେ ସର୍ବତ୍ର ମୁଖର
ଏଇ କଥା କହି କହି ଜୀବନ ନଈରେ
ସ୍ୱତଃ ବହିଚାଲ
ଦେଖିବ ଚୌହଦି ଜୀବନର
ଲାଗିବ ବିଭୂକୃପାମୟ
ସବୁଜ ସୁନୀଳ ଆଉ ସବୁ ସ୍ୱପ୍ନମୟ।

୪ଜି, ପ୍ରତାପ ଆପାର୍ଟମେଣ୍ଟ,
୭ଏକ୍ସଟେନସନ ରୋଡ଼,
ସୋନାରୀ, ଜାମସେଦପୁର,
ଦୂରଭାଷ : ୯୨୦୪୬୫୨୦୬୫
/ ୭୪୮୮୯୯୮୫୩୨

## ଜୀବନ ଯୁଦ୍ଧ

ଆଦ୍ୟାଶା ମହାପାତ୍ର



ନିରଦ୍ଦୟ ନିଦାଘ ତାଣ୍ଡବ ରଚ଼ି
ଅଗ୍ନି ସ୍ଫୁଲିଙ୍ଗ ବର୍ଷ ?
ଫଗୁଣ ସ୍ୱପ୍ନ ରାକା ରଜନୀରେ
ଧ୍ୱାନ୍ତ ଧୂମଳ ଦିଶେ ॥
ନୁହେଁ ମୁହିଁ ଏବେ ଆକାଶ ବକ୍ଷେ
ମୁକ୍ତ ବିହଙ୍ଗ ଟିଏ
ଧୂସର ବର୍ଣ୍ଣ ଏ ବିଶାଳ ବିଶ୍ୱେ
ବିତୃଷ୍ଣା ମୋତେ ଛୁଏଁ ॥
ଆଷାଢ଼ର ଆଶା ଚ଼ିର ସବୁଜିମା
ଦୃଶ୍ୟ ଯାଇଛି ହଜି
ପ୍ରତ୍ୟାବର୍ତ୍ତନ କରିଛି ବସନ୍ତ
ପାରିନି ମଳୟ ସୃଜି ॥
ଶୂନ୍ୟ ଉପବନେ ନିଃସ୍ୱ ନିରାଶ
ନାଚ଼ାର ମୁଁ ଚ଼ଇତାଳି
ଦିଶେ ନାହିଁ କାହିଁ ବର୍ଣ୍ଣିଳ ସ୍ୱପ୍ନ
ଫୁଟେ ନାହିଁ ଆଶାକଳି ॥
ନିଷ୍ଠୁର ନିୟତି ଚ଼କ୍ରବ୍ୟୁହରେ
ଖୁସି ଆଜି ପରାହତ
ସାବଲୀଳ ମୋର ଜୀବନର ପଥ
ବନ୍ଧୁର କଣ୍ଟକିତ ॥
ଆଖି ପତାତଳେ ଲୁପ୍ତ ହୋଇଛି
ଗାରିମାର ଇତିହାସ
ବୁକୁ ତଳେ ଉଭା ଧ୍ୱସ୍ତ ସ୍ୱାଭିମାନ
ଅବ୍ୟକ୍ତ ଅବସୋସ ॥
ଦୁର୍ଦ୍ଦିନକୁ ନେଇ ନୁହେଁ ପରାଙ୍ମୁଖ
ଉଜ୍ଜୀବିତ ଜିଜୀବିଷା
ଜୀବନ ଯୁଦ୍ଧ ମୁଁ ଲଢୁଛି ଲଢିବି
ଜୀବନ୍ତ ମୋର ଜିଗୀଷା॥

ନୂଆପଡା, କଟକ

## ବାପା

ରତ୍ନକାନ୍ତି ମିଶ୍ର



ବାପା ତୁମେ ସ୍ୱର୍ଗ ଅନନ୍ତ ବୈଭବ
ଅନ୍ଧକାରେ ଜ୍ୟୋତି ଶିଖା
ଆଶାର କିରଣ ଦୃଷ୍ଟାରୂଢ ପଥେ
ନିୟତିର ଭାଗ୍ୟ ରେଖା ॥

ଜୀବନ ମରୁରେ ଝଡର ବିପକ୍ଷେ
ତୁମେ ହିଁ ଅଭୟ ରାହା
ଅଗାଧ ସମୁଦ୍ର ଅଥଳ ଜଳରେ
ନାଆ ରୂପେ ତୁମେ ସାହା ॥

ଜନ୍ମ ଦେଇ ତୁମେ ଆଣିଲ ଧରାକୁ
ପାଳିଲ ସ୍ନେହ ଆଶିଷେ
ମନରେ ସାହସ ଶକତି ଭରିଲ
ଛାଇ ପରି ରହି ପାଶେ ॥

ସମୟାନୁବର୍ତ୍ତୀ ,ନିର୍ଭୀକ,ନିଃସ୍ୱାର୍ଥ
ଗୁଣ ଆଦି ଶିଖାଇଲ
ବିପଦ ଆପଦ ସାମ୍ନା କରିବାକୁ
ବାଟ ମୋତେ ଦେଖାଇଲ ॥

ଦେଖାଇଲେ ମୋତେ ସ୍ୱପ୍ନ ଅସୁମାରୀ
ମିଠା ମିଠା କଥା କହି
ଗଢି ତୋଳିଦେଲ ମୋ ଭାଗ୍ୟ ଭବିଷ୍ୟ
କେତେ ଦୁଃଖ କଷ୍ଟ ସ ?ହି ॥

ବାପା ପରା ମୋର ଜୀବନ୍ତ ଈଶ୍ୱର
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ହେ ପରମ ପୂଜ୍ୟ ତୁମ ଶ୍ରୀଚ଼ରଣେ
କୋଟି କୋଟି ନମସ୍କାର ॥

ଆଳି, କେନ୍ଦ୍ରାପଡା

## କେତେ ସହିବୁ ନିତି

ଭାସ୍କର ରାଉତ



ଜହ୍ନ ଜୋଛନା ଦେଉନି ଅନା
ପାହୁନି କାଳ ରାତି
କରେ ପ୍ରହାର ଆଘାତ ତା'ର
କେତେ ସହିବା ନିତି।
ମସାଲ କରେ ଜାଗି ଉଠରେ
ନକର ଆଉ ଡେରି
ଜନନୀ ତୋ'ର କରେ ଚିତ୍କାର
ହୋଇଣ ହତଶୀରି।
ବହେ ଯେସନ ଝଡ଼ ତୋଫାନ
ସେମିତି ଚ଼ାଲ ମାଡ଼ି
ବିଶାଳ ଗଛ ତା ଆଗେ ତୁଚ୍ଛ
ମୂଳରୁ ଦିଏ ମୋଡ଼ି।
ଯେତେ ମାଗଣା ମିଛ ଛଳନା
ସିଏ ତୋ ଲୁହ ଲହୁ
ବାପ ଅଜାର ସମ୍ପତ୍ତି ତା'ର
ଦେଉନି ତୋତେ କେହୁ।
ମିଛ ଭାଷଣ ଆଉ ନ ଶୁଣ
ନହୁଅ ଚ଼ାଟୁକାର
ତୋ ଅଧିକାର ଜାହିର କର
କଷଣ ହେବ ଦୂର।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ

## ଆହେ ଭାବଗ୍ରାହୀ

ସୁଧାକର ରାଉତ



ନିଦାଘର ତାତି କେତେ ଅବା କୁହ
ସହିଥାନ୍ତ ହେ ଠାକୁର
ସେପାଇଁ ରତନ ବେଦୀରୁ ସିନାନ
ମଣ୍ଡପେ ହେଲ ବାହାର ।
ଭକତ ସମ୍ମୁଖେ ଭ୍ରାତା ଭଗ୍ନୀ ସଙ୍ଗେ
ହର୍ଷ ? କରିଲ ସିନାନ
ହରିବୋଲ ହୁଳହୁଳି ଶବଦରେ
ଭକତ ହେଲା ମଗନ ।
ତୁମ ନେତ୍ର ସଙ୍ଗେ ମିଳିଗଲା ଯେବେ
ଭାବ ବିଭୋର ନୟନ
ସଂସାର ର ଶୋକ ଦୁଃଖ ଦୂର ହୋଇ
ସାର୍ଥକ ହେଲା ଜୀବନ ।
ମୋହମାୟା ସାଂସାରିକ ଜଞ୍ଜାଳରେ
ଉତ୍ତପ୍ତ ଏଇ ଶରୀର
ତୁମ କୃପା ବାରିରେ ସିନାନ କଲେ
ଦୂର ହେବ ତା ଈଶ୍ୱର ।
ମହାସ୍ନାନ ପରେ ତୁମ କଳେବର
ହୋଇଲା ସିନା ଶୀତଳ
ମାତ୍ର ପାପଭାର ଅଗ୍ନିରେ ଆମର
ଆତ୍ମା ହୁଅଇ ବିକଳ ।
ଆହେ ଦାରୁବ୍ରହ୍ମ କରୁଣା ବାରିକୁ
ଦିଅ ଢାଳି ହେ କିଞ୍ଚିତ
ଅକିଞ୍ଚନ ଜନଙ୍କୁ ପ୍ରଭୁ ତହିଁରୁ
ନକର ତିଳେ ବଞ୍ଚିତ ।
ତୁମ ଅପୂର୍ବ ମାନବୀୟ ଲୀଳାକୁ
ବୁଝିବାପାଇଁ ଅଧମ
ଅସମର୍ଥ ଜାଣି ଭାବଗ୍ରାହୀ ତୋଳି
ନିଅ ନ ହୋଇ ନିର୍ମମ ।

ପ୍ରତାପ ନଗରୀ କଟକ
ମୋ - ୮୨୪୯୯୩୨୭୯୨

## ପୂର୍ଣ୍ଣିମାର ଜହ୍ନ

ଡକ୍ଟର ମନୋରଞ୍ଜନ ବିଶୋୟୀ



ତୁମେ ଥିଲ
ମୋ ମନ ଆକାଶରେ
ପୂର୍ଣ୍ଣିମାର ଜହ୍ନ
ତୁମକୁ ପାଇ
ଅନୁଭବ କରିଥିଲି
ଜ୍ୟୋସ୍ନାର ଶୀତଳ ସାନ୍ନିଧ
ଶାନ୍ତିର ସାଗରରେ
ଅବଗାହନ କରି
ପାଇଥିଲି
ତୃପ୍ତିର ମହାଆନନ୍ଦ।
କିନ୍ତୁ ତୁମେ ଚାଲିଗଲା ପରେ
ସାରା ମନ ଆକାଶ ଆଜି
ଅମାବାସ୍ୟାର ଅନ୍ଧାରରେ ପୂର୍ଣ୍ଣ
ଆଉ ମନର ଆକାଶେ
ସୃଷ୍ଟି ହୋଇଛି
ଅପୂରଣୀୟ ଶୂନ୍ୟସ୍ଥାନ।
ତଥାପି ମନ ଆକାଶକୁ
ମାଗିଛି ମୁଁ ଜହ୍ନ
ଜହ୍ନତ ଆଉ ମିଳିନି
ତାର ସ୍ମୃତି ହିଁ
ମୋ ବଞ୍ଚିବାର
ସରଳ ମାଧ୍ୟମ।

ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୨୭

## ସମ୍ପର୍କ

କବିରତ୍ନ ନୂତନ କୁମାର ବେହେରା



ମଣିଷ ଜନ୍ମେ ନେଇ ତାର ରକ୍ତ ସମ୍ପର୍କ
ହେତୁ ଆସିଲେ ଚ଼ିହ୍ନେ କିଏ
ମାଆ କିଏ ବାପା
କେଉଁମାନେ ଆତ୍ମୀୟସ୍ୱଜନ ତା' ନିଜର
ରହେ ଆନନ୍ଦେ ପରିବାରର ପରିଧି ଭିତରେ
ଅସହାୟରୁ ସେ ସହାୟକ ହେବା ପର୍ଯ୍ୟନ୍ତ
ବୟସ କ୍ରମରେ ତା' ବ୍ୟକ୍ତିତ୍ୱର କରି ବିକାଶ
ସେ ଗଢେ ତା' ସ୍ୱପ୍ନରେ ଏକ ନୂଆ ସଂସାର
ମଞ୍ଜିରୁ ଗଛ ପୁଣି ଗଛରୁ ହୁଏ
ଫଳ ମଧ୍ୟେ ମଞ୍ଜି
ରୂପାନ୍ତରରେ ହେଉଥାଏ ତାର ପୁନରାବୃତ୍ତି
ସମ୍ପର୍କ ବଢେ ଛିଡ଼ ? ନଈର ବନ୍ୟାଜଳ ପରି
ପରିବାରରୁ ବାହାରି ଆସିଲେ ସମାଜର ଦାଣ୍ଡକୁ
ଇଚ୍ଛାରେ ସମ୍ପର୍କ ବାଧ ବାଧକତାରେ ସମ୍ପର୍କ
ଜୀବନର ଆବଶ୍ୟକତାକୁ ନେଇ ହୁଏ ଗଢ଼ା
ରକ୍ତ ସମ୍ପର୍କ ବ୍ୟତିରେକ ହୁଏ ଭାବର ସମ୍ପର୍କ
ଏ ସମ୍ପର୍କର ବନ୍ଧନରେ ଜୀବନ ହୁଏ ଗତିଶୀଳ
ତା' ବିନା ବଞ୍ଚିବାର ମାନେ କିଛି ହୁଏନା
ବିକାଶ ପ୍ରକାଶର ଲାଗି ସମ୍ପର୍କ
ଏକାନ୍ତ ଜରୁରୀ
ସମ୍ପର୍କ ଗଢିବା ହୋଇଥାଏ ଅତି ସଜଜ
ତାକୁ ଦୀର୍ଘକାଳ ବଜାଇବା ରଖିବା ଭାରି କଷ୍ଟ
ଏ ସମ୍ପର୍କ ଭାଙ୍ଗିଗଲେ ହୁଏ ଦୁଃଖଦାୟକ
ହସ ଲୁହର ଜୀବନ ଭିତରେ ସବୁ କିଛି ସହି
ବୁଝିବାକୁ ହୁଏ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ
ସମୟ ସର୍ବଦା ଅଣାୟତ୍ତ ପୁଣି ଏ ସୀମିତ
ସମ୍ପର୍କକୁ ମଧୁର କରି ଦୃଢ଼ ରଖିବା ଏକ ବ୍ରତ
ଯନ୍ତ୍ରଣାର ଅଗ୍ନି ପଥରେ ଚ଼ାଲୁ ଚ଼ାଲୁ
ଆଶା ସଞ୍ଚି
ଅନିଚ୍ଛା ସତ୍ତ୍ୱେ କେତେକ ସମ୍ପର୍କ ଯାଏ ବିଗିଡ଼ି
ଶତ ଚେଷ୍ଟା କରି ବି ହୁଏନା ପୁନର୍ବାର ସଜାଡ଼ି
ନେପଥ୍ୟରୁ ଶୁଭୁଥାଏ କେବଳ କିଛି ଭୁଲ୍
ପରସ୍ପର ପରସ୍ପରକୁ କରୁଥାନ୍ତି ଦୋଷାରୋପ
ତାର ସତ୍ୟତା ପ୍ରାୟତଃ ହୁଏନା ପ୍ରମାଣିତ
ଯଦିବା ହୁଏ ପ୍ରତିପକ୍ଷ କରେ ନାହିଁ ଅଙ୍ଗୀକାର
ଶତ୍ରୁତାର କରାଳ ଛାଇରେ
କରେ ସେ ଅଶ୍ରୁପାତ
ଭଙ୍ଗା ସମ୍ପର୍କର କୋହ ପାଲଟି ହୁଏ ଅନ୍ତର୍ଦାହ
ଜୀବନ ଥିବାଯାଏଁ ସମ୍ପର୍କ
ବାନ୍ଧିଥାଏ ଫାସ ପରି
ସମ୍ପର୍କକୁ ବୁଝିଲେ ସମ୍ପର୍କୀୟ ଆପଣାର ଜନ
ଆପାତତଃ ଟିକିଏ ଶାନ୍ତିରେ ବିତିଯାଏ ଦିନ।

କୋହି,ବାରିପଦା,ମୟୂରଭଞ୍ଜ।
ମୋ: ୮୦୧୮୩୫୩୩୨୨

## କାହିଁକି ଖବର ବୁଝ ?

ନିରଞ୍ଜନ ସାହୁ



କିଏ କହିଥିଲା କେମିତି ଅଛି ମୁଁ
ଖବର ବୁଝିବା ପାଇଁ
କିଏ କହିଥିଲା ଗହ୍ନା ପୁନେଇଁରେ
ମିଛେ ସାଜିବାକୁ ମାଇଁ ।
ଦିନଥିଲା ଦିନେ ମୋହରି ଖବର
ବୁଝୁଥିଲ ମନ ଦେଇ
ଆଜି କିନ୍ତୁ ବୁଝି କି ସୁଖ ପାଇବ
ମୋହରି ମନକୁ ନେଇ
ତୁମ କଥା ଆଜି ଭାବିବା ବେଳକୁ
ମୁଣ୍ଡ ମୋର ଝାଇଁଝାଇଁ ।
ଏହାରି ଭିତରେ ମହାନଦୀ ଧାରେ
ବୋହିଗଲା ପାଣି କେତେ
ସେହି ପାଣି ଆଉ ଫେରିବ କି କେବେ
ବୋହି ଯାଇଥିଲା ଯେତେ
କି ଲାଭ ମିଳିଲା ମୃଗତୃଷ୍ଣା ପଛେ
ଅନେକ ସମୟ ଧାଇଁ ?
ଏବେ କିନ୍ତୁ ଏତେ ଆପଣାର ହେବା
କାହିଁକି ମନରେ ଆସେ
ପୋଡ଼ିଗଲା ଯେଉଁ ତିଅଣ ତାହାକି
ତୁମକୁ ଅଧିକ ବାସେ
ପଛକଥା ଆଜି ଭାବି ଲାଭନାହିଁ
ଅତୀତକୁ ଚ଼ାହିଁଚ଼ାହିଁ ।
ଯେଉଁଠାରେ ଅଛ ଭଲରେ ଥାଅ ଗୋ
ତାହାଙ୍କ ଖବର ବୁଝ
ମନେମନେ କେବେ ଭାବନାହିଁ ତୁମେ
ମୋ ରଣକୁ ଏବେ ଶୁଝ
ଯାହା ହୋଇଅଛି ଭଲ ହୋଇଅଛି
ଭଲ ବି କରିବେ ସାଇଁ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ବର୍ଷା

ସୁହଂସ ଭୋଇ

ତା'ଛୁଆଁରେ ମାଟି ଭିଜି ହୁଏ ଓଦା
କୁସୁମର ବାସ ଛୁଟେ
ବୁନ୍ଦା ବୁନ୍ଦା ହୋଇ ଝରିପଡେ ଯେବେ
ଧରା ଓଠେ ହସ ଫୁଟେ
କାନନ କାନ୍ତାର ସବୁଜ ପାଲଟେ
ବାରିଧିର କୋଳ ଭରେ
ତାରାପଥେ ନାଚେ ରୂପସୀ ଚ଼ପଳା
ନିଦାଘର ଖେଳ ସରେ
ଚ଼ଡୁରୀ ବଣିଟି ବାନ୍ଧିଛି ଆଗରୁ
ଘରଟିଏ ଗଛ ଡାଳେ
ଶୋଇ ପଡିଥିବା ପାହାଡ଼ି ଝରଣା
ଉଠି ଧିରେ ଧିରେ ଚ଼ାଲେ
ଗାଆଁଦାଣ୍ଡେ ନଈ ବହିଯାଏ ତହିଁ
ମୋ କାଗଜ ଡଙ୍ଗା ଭାସେ
ନାଲି ଟୁକୁଟୁକୁ ସାଧବବୋହୂଟି
ଲାଜେଇ ଲାଜେଇ ଆସେ
ହଳ କରେ ଚ଼ଷା ହୋଇଣ ସହସା
ବରଷା ଆସିଲା ପରେ
ଉଷୁମ ପବନ ସହିତ ଉତ୍ତାପ
ଧୋଇ ଯାଏ ସବୁ ନୀରେ

ପହଣ୍ଡି, ବରଗଡ

## ବିବାହ ବାର୍ଷିକୀ


ଲୋକନାଥ ମହାପାତ୍ର

ବାର ବର୍ଷ ତଳେ ଆଜିର ଦିନରେ
ଆମ ହୋଇଥିଲା ବାହାଘର
ଶଙ୍ଖ ମହୁରୀ ବରଯାତ୍ରୀ ନେଇ
ଧରିଥିଲି ତୁମ୍ଭ କର
ସେହି ହାତ ଧରି ଚ଼ାଲୁଅଛି ମୁହିଁ
ଚ଼ାଲୁଥିବି ସୁଖେ-ଦୁଃଖେ
ଧରି ସେହି ହାତ ଚ଼ାଲୁଥିବି ବାଟ
ଅନ୍ଧାର ହେଉ ବା ଆଲୋକେ
ବାର ବର୍ଷ ତଳେ ଆଜିର ଦିନରେ
ଛାଡି ପିତା-ମାତା ଘର
ସେବା ସ୍ନେହ ଦେଇ ଆଦରି ନେଇଛ
ପରଙ୍କୁ ଭାବି ନିଜର
କେତେ କଷ୍ଟ ସହି ଅତି ଯତନରେ
ପାଳିଛ ଦୁଇ ସନ୍ତାନ
ସନ୍ତାନ କେବଳ ନୁହନ୍ତି ସେମାନେ
ସତେକି ଦୁଇ ରତନ
କେଉଁ ଉପହାର ଦେଇ ଅବା ମୁହିଁ
ଶୁଝିବି ତୁମ ଉପକାର
ତୁମ ଉପକାର ଆଗେ ତୁଲ ନୁହଁ କିଛି
ତୁଛ ସବୁ ଉପହାର ।

ବ୍ରହ୍ମପୁର

## ମିଛୁଆ କାଳିଆ ଠାକୁର

ଭାସ୍କର ବାରିକ୍



ମିଛର ସାହାରା କାହିଁକି ନେଉଛ
ହାତଗୋଡ ତୁମ ନାହିଁ
କାଲେ ମାଗିନେବି ସକଳ ଐଶ୍ୱର୍ଯ୍ୟ
ଦେଉଛ ମିଛେ ଭଣ୍ଡେଇ
ଜାଣିଛି ଜଗତ କାଳିଆ ସାଆନ୍ତ
ଜଗତ କରତା ବିଶ୍ୱ ନିଅନ୍ତା
ଦାତା ପଣେ କେହି ନାହିଁ ।
କଳା ଧଳା ଘୋଡା ବୀର ପରି ଚ଼ଢି
କିଏ ବାଟେ ପିଇଥିଲା ଦହି
ହାରି ଯାଇଥିବା ଭକତ ରାଜାର
ସମ୍ମାନ ସମୃଦ୍ଧି ମୁକ୍ତି ପାଇଁ ?
ଇତିହାସ ସାକ୍ଷି ମଣିମା ଗାରିମା
ଜଗତ ଭୁଲିବନି ଭୁଲି ନାହିଁ ।
କୁରୁସଭା ତଳେ ପାଂଚ଼ାଳି ପାଇଁ
କିଏ ଦେଲା କୋଟି ବସ୍ତ୍ର
ଗଜ ଉଦ୍ଧାରଣ କରିବା ନିମନ୍ତେ
କିଏ ପେଶିଥିଲା ଅସ୍ତ୍ର
ଭକତ ଉଦ୍ଧାର ପାଇଁ
କହିବକି ଥରେ ଜଗତସାଇଁ ?
ଜୟଦେବଙ୍କର ଗୀତଗୋବିନ୍ଦକୁ
କିଏ ଶେଷ କରିଥିଲା କୁହ
ହାତଗୋଡ ନାହିଁ ମିଛରେ କହୁଛ
ଦେଉଛ ଅଧମ ଆଖିରେ ଲୁହ
ଯାହାବି କରିଲେ ଭାବିଛ କି ପ୍ରଭୁ
ପାଦରୁ ତୁମର ତୁଟିଯିବ ମୋର ମୋହ ?
ମିଛ କହି ପ୍ରଭୁ ଠକି ଦିଅ ନାହି
ଶୁଣ ଆକୁଳ ପ୍ରାର୍ଥନା ମୋର
ଆଶିଷ ବର୍ଷାରେ ଓଦା କରିଦିଅ
ଶେଷ ହେଉ ଅବଶୋଷ ଯନ୍ତ୍ରଣାର
ଅଗମ୍ୟ ରାସ୍ତା କରିଦିଅ ପ୍ରଭୁ ସୁଗମ
ହୃଦୟରେ ଶାନ୍ତି ହେଉ ବିରାଜିତ
ଗାଇ ଗାଇ ଜଗତ ଠାକୁର ନାମ ।
ଗୀତା ଭାଗବତ ପୁରାଣ ପୋଥିରେ
ବର୍ଣ୍ଣିତ ତୁମ ଗୁଣକୀର୍ତ୍ତି
ପାପି ଭିକ୍ଷୁକ ହାତ ପତେଇଛି
କରିଦିଅ ମୋର ଥାଳ ଭର୍ତ୍ତି
ମିଛୁଆ ଠାକୁର କେହି ନ କୁହନ୍ତୁ
ଉଡୁଥାଉ ସଦା ପତିତପାବନ ଉଡେଇ କିର୍ତ୍ତୀ ।

ଯୋଗାଣ ଅଧିକାରୀ
କପ୍ତିପଦା ବ୍ଲକ୍

## ଭଦ୍ର ଚୋର

ରମେଶ ଚ଼ନ୍ଦ୍ର ନାୟକ

ଚୋରି କରିବାଟା କେଡେ ମହାପାପ
ଶାସ୍ତ୍ରରେ ଅଛିତ ଲେଖା ,
କାହିଁକି କେଜାଣି ହୁଅନ୍ତି ଅବୁଝା
କରିଥାନ୍ତି ଅଣଦେଖା ॥
କିଏ କରେ ଚୋରି ପେଟ ପାଇଁ ଏଠି
ଦାନା କନା ନାହିଁ ବୋଲି ,
ମୂଳ ଲାଗିବାକୁ ଶ୍ରମ କରିବାକୁ
ବାଧିଥାଏ ତାଙ୍କୁ ଖାଲି ॥
ସ୍ୱଚ୍ଛ ଦିବାଲୋକେ ଅନ୍ଧାର ମୂଳକେ
ଚୋର ଗଳାବାଟ ଖୋଜେ ,
ହାତେ ପଡେ ଯାହା ନେଇ ଯାଇ ତାହା
ଘରକୁ କରଇ ବିଜେ ॥
କୋଟି କୋଟି ଧନ
କୋଠା ବାଟୀ ମାନ
ଅଛିତ ଯାହାର ପାଶେ ,
ପ୍ରତ୍ୟକ୍ଷରେ ଅବା
ପରୋକ୍ଷରେ ସିଏ
ଚୋରି କାର୍ଯ୍ୟ କରି ବସେ ॥
ଛୋଟ ଅବା ବଡ଼ ଚ଼ାକିରିଆ ବାବୁ
ନେତା ମନ୍ତ୍ରୀ ଠିକାଦାର ,
ଲାଞ୍ଚ ନାମେ ଚୋରି ଧନକୁ ଆଦରି
ବୋଲାନ୍ତି ଯେ ଭଦ୍ର ଚୋର ॥
ପୋଲିସ ସଜାଗ ଚୋର ଧରେ ଆଗ
ପଛରେ ସଳା ସୁତୁରା ,
ପୋଲିସ ନାମରେ
ସେ ବଡ଼ ଚୋରରେ
ସମାଜେ ବାଜେ ନାଗରା ॥
ରାଜନେତା ମନ୍ତ୍ରୀ ଘୋଟାଲା କରନ୍ତି
ଅନ୍ୟ ମୁଣ୍ଡେ ଅଠାବୋଳା ,
ନ୍ୟାୟାଧୀଶ ପାଶେ ଓକିଲ ଯେ ଭାଷେ
କଳା କାମ କରେ ଧଳା ॥
ଠିକାଦାର ଯନ୍ତ୍ରୀ ଲୁଣ୍ଠନ କରନ୍ତି
ଦେଶ ତେଲ ଖଣି ପାଣି ,
ଦିନ ଦ୍ୱିପ୍ରହରେ ଆଖି ସାମନାରେ
ନେଇଥାନ୍ତି ଧନ ଟାଣି ॥
କେତେକ ଅଛନ୍ତି
ସାହାଯ୍ୟ କରନ୍ତି
ଲୁଟି କରି ଚୋର ଘର ,
ନିଜ ସ୍ୱାର୍ଥ ପାଇଁ
ଯିଏ ଥାଏ ଧାଇଁ
ସିଏ ପରା ଭଦ୍ର ଚୋର ॥

ଦରଭା , ମଙ୍ଗଳପୁର , ଯାଜପୁର

## ବଦଳିଛି ଆଜି

ଜଗଦୀଶ ପଣ୍ଡା



ବଦଳିଛି ଆଜି ଆମ ଜୀବନ ଶୈଳୀ
ବଦଳିଛି ସମୟ, ଯୁଗ ଯାଇଛି ବଦଳି
ସେ କାଳର ପଖାଳ ଖିଆ,
ଏବେକାର ବୁଫେ ରେ
ସେ ସୁଆଦ କାହିଁ,
ସେ କାଳର ଚ଼ିଠି ଲେଖାର
ଆଜିର ହ୍ୱାଟ୍ସଅପରେ
ମେସେଜରେ ମଜା କାହିଁ।

ବଦଳିଛି ଆଜି ଆମ ଜୀବନ ଶୈଳୀ
ବଦଳିଛି ସମୟ, ଯୁଗ ଯାଇଛି ବଦଳି
ସାଙ୍ଗ ସାଥି ସହ ସେ ଗପସପ
ଆଜିର ମୋବାଇଲ କଲର୍ କି ମଜା,
ରାତି ରାତି ଉଜାଗରେ ଥିଲା
ଯେଉଁ ମଜା
ଏବେକାର ସୋସିଆଲ ମିଡ଼ିଆରେ
ଫୋଟୋ ସେୟାର ରେ କି ମଜା ।

ବଦଳିଛି ଆଜି ଆମ ଜୀବନ ଶୈଳୀ
ବଦଳିଛି ସମୟ, ଯୁଗ ଯାଇଛି ବଦଳି
ଛୋଟ ବେଳର ସେ ମଜାଳିଆ
ଡଗଡମାଳିରେ ଥିଲା ଯେଉଁ ମଜା
ଆଜିର ସ୍ମାର୍ଟ ଫୋନରେ
ଶୁଭେଚ୍ଛାର କାହିଁ।
ସଂଧ୍ୟା ଆସରର ସେ ଚୁଟକୁଲେର ମଜା
ଆଜିର ସୋସିଆଲ ମିଡ଼ିଆରେ କାହିଁ।

କଡ଼ ଲେଉଟାନ୍ତି ଶୁଷ୍କ ପତ୍ର କିଛି
ଜୀବନର ମାନଦଣ୍ଡ ମାପିବା ପାଇଁ
ସେ ସମୟକୁ ଫେରିବା ଆଜିର
ମର୍ତ୍ତଣ୍ଡ ସଭ୍ୟତାରେ କୋଳେ ହଜିଛି
ଲୋକେ ଯାଇଛନ୍ତି ସହରକୁ
ପରନ୍ତୁ ଗାଁର ସେ ବାସ୍ନା ପାସୋରି
ଯାଇଛି।

ଅଲାଡିଗାଁ, ଗଂଜାମ

## ଆମ ବାପା

ରାମ ଚ଼ନ୍ଦ୍ର ପ୍ରଧାନ



ସମସ୍ୟା ପାହାଡ଼ ମୁଣ୍ଡରେ ମୁଣ୍ଡେଇ
ସଦା ଯିଏ ହସୁଥାଏ
ମହା ମେରୁ ସମ ଅଚ଼ଳ ଅସ୍ଥିର
ଆମ ବାପା ପରା ସିଏ।
ଜୀବନ ଯାତ୍ରାର ସେ ମହା ନାୟକ
କିଏ ହେବ ତାଙ୍କ ସମ
ଅନୁଶାସନର ଜ୍ୱଳନ୍ତ ଦୃଷ୍ଟାନ୍ତ
ଭରସାର ମହାଦ୍ରୁମ ।
ଦୁଃଖ କଷ୍ଟର ସେ ଅମୁଲ୍ୟ ରତନ
କଥା ତାଙ୍କ ମିଠା କ୍ଷୀରି
ହୃଦୟ ଆକାଶେ ଉଜ୍ଜଳ ନକ୍ଷତ୍ର
ସିଏ ପରିବାର ଶିରୀ ।
ମର୍ତ୍ତ୍ୟଜଗତର ମଉଡମଣୀ ସେ
ପ୍ରେରଣାର ମହାଉତ୍ସ
ସତ୍ୟ ଧର୍ମ କର୍ମ ପ୍ରତିଟି କ୍ଷେତ୍ରରେ
ସିଏ ସବୁଠାରୁ ଉଚ୍ଚ ।
ରଙ୍ଗହୀନ ଆମ ଜୀବନ ପୃଷ୍ଠାର
ସେ ସଫଳ ଚ଼ିତ୍ରକାର
ଶବ୍ଦ ତ ନୁହଁନ୍ତି ଭିନ୍ନ ଏକ ସଂଜ୍ଞା
ନୀତି ଆଉ ଆଦର୍ଶର ।
ଆମ ଅସ୍ତବ୍ୟସ୍ତ ମନ ବଗିଚ଼ାର
ଅଟନ୍ତି ସେ ମହୋଷଧି
ଆଶୀର୍ବାଦର ସେ ଦିବ୍ୟ କବଚ଼ଟେ
ତାଙ୍କ ପାଇଁ ସର୍ବସିଦ୍ଧି ।
ପ୍ରଥମ ଈଶ୍ୱର ପଥ ପ୍ରଦର୍ଶକ
ତ୍ୟାଗର ମହାସାଗର
ବ୍ୟକ୍ତି ନୁହଁନ୍ତି ସେ ବିରଳ ବ୍ୟକ୍ତିତ୍ୱ
ନାହିଁ ତାଙ୍କ ପଟାନ୍ତର ।

ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍,
ଆସିକା, ଗଞ୍ଜାମ
ମୋ:୯୮୬୧୬୩୮୭୩୬




## ମହୀଧରପଡ଼ା ରାସ୍ତା କାର୍ଯ୍ୟ ଅଧାରୁ ବନ୍ଦ !

ଫୁଲନଖରା (ପିଏନ୍)-କଟକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ଉନ୍ନତିକରଣ କାର୍ଯ୍ୟ ଅଧାରୁ ବନ୍ଦ ହୋଇ ପଡ଼ିରହିଛି। ତ୍ରିନାଥବଜାରଠାରୁ ୭କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏକ ମିଟର ଲେଖାଏଁ ପ୍ରଶସ୍ତିକରଣ କରାଯିବାପାଇଁ ଟେଣ୍ଡର ହୋଇଥିଲା ଏବଂ ଉଭୟ ପାର୍ଶ୍ୱରେ ଥିବା ବେଆଇନ୍ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ପ୍ରସ୍ତାବ ଥିଲା। ମାତ୍ର ସମ୍ପୃକ୍ତ ଠିକାଦାର କେବଳ ତ୍ରିନାଥବଜାର ଜଳସମ୍ପଦ ବିଭାଗ ପାଚେରି ନିକଟ ଅବରୋଧକୁ ହଟାଇଥିଲେ ହେଁ ଆଉ କୌଣସି ସ୍ଥାନରେ ଏହା କରିନଥିଲେ। ଇତିମଧ୍ୟରେ ଉଚ୍ଛେଦ ହୋଇଥିବା ସ୍ଥାନରେ ପୁନର୍ବାର ଜବରଦଖଲ ଆରମ୍ଭ ହୋଇଥିବା ଦେଖାଯାଉଛି। ଅପରପକ୍ଷରେ ପ୍ରଶସ୍ତିକରଣ କାର୍ଯ୍ୟ ନଗରୀ ମୌଜା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବାପରେ ଉକ୍ତ କାର୍ଯ୍ୟ ସେହିଠାରେ ଅଟକି ରହିଛି। ଦୀର୍ଘଦିନ ହେଲା କାର୍ଯ୍ୟ ଆଉ ଆଗକୁ ଅଗ୍ରସର ହୋଇପାରୁନାହିଁ। ଏତଦ ସହିତ କେତେକ ସ୍ଥାନରେ ଗାର୍ଡ଼ୱାଲର ଜରୁରୀ ଆବଶ୍ୟକତା ଥିଲେ ହେଁ ସମ୍ପୃକ୍ତ ଠିକାଦାର ତାହାକୁ ଏଡ଼ାଇଦେଇଛନ୍ତି। ବ୍ୟସ୍ତବହୁଳ ଏହି ରାସ୍ତାର ସନ୍ତୋଳ ଛକଠାରୁ ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ଶେଷ କରିବା ସହିତ ରାସ୍ତା ପାର୍ଶ୍ୱ ଖାଲୁଆ ଅଂଶରେ କଂକ୍ରିଟ ବନ୍ଧ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ରଞ୍ଜିତାକୁ ଉଚ୍ଚଶିକ୍ଷା ପାଇଁ ସହାୟତାର ହାତ ବଢ଼ାଇଲା ଜିଲ୍ଲା ପ୍ରଶାସନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଛାତ୍ରୀ ରଞ୍ଜିତା ନାୟକ ମାଟ୍ରିକ ପାସ କଲାପରେ ଆର୍ଥିକ ସମସ୍ୟା ଯୋଗୁଁ ଉଚ୍ଚଶିକ୍ଷା ଲାଭ କରିନପାରି ଘରେ ବସି ରହିଥିଲେ। ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ବାପା ମା ଛେଉଣ୍ଡ ଝିଅକୁ ଅଧିକ ପାଠ ପଢାଇବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡା ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରି ତାକୁ ଡକାଇ ଭୁବନେଶ୍ୱରରେ ଥିବା ଏକ ଆବାସିକ ବିଶ୍ୱ ବିଦ୍ୟାଳୟରେ ପଢିବା ପାଇଁ ସୁଯୋଗ ଦେଇଛନ୍ତି। ପେଟଛେଲା ପଞ୍ଚାୟତର ଲୁଣମାଠିଆ ଗ୍ରାମର ଝିଅ ରଞ୍ଜିତା ନାୟକଙ୍କୁ କଲେଜରେ ନାମ ଲେଖା ଯିବା ସହିତ ତାକୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡିଛି।

## ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକ ଉତ୍ସବ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତର ପରିଛଳସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଦ୍ୱିତୀୟ ଦିବସରେ ଗୁରୁକୁଳର ପ୍ରତିଷ୍ଠାତା ତଥା ଅଧ୍ୟାତ୍ମିକବାଦୀ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଇଂଜିନିୟର ପ୍ରିୟବ୍ରତ ଦାସ ମୁଖ୍ୟ ଅତିଥି, ବୈଦିକ ବିଦ୍ୱାନ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ସହଦେବ ଶାସ୍ତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁକୁଳ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରି ଉତମ ଚରିତ୍ର ଗଠନ ଓ ସ୍ୱାବଲମ୍ବୀ ହେବା ପାଇଁ ଯଥେଷ୍ଟ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ୫୧ କୁଣ୍ଡୀୟ ଯଜ୍ଞ ବେଦ ମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମ ହୋଇଥିବା ବେଳେ ଦୁଷ୍ମନ୍ତ ଭାଇ, ପ୍ରବୀର ଭାଇ, ଅଭୟ ଭାଇ, ସୁରେନ୍ଦ୍ର ଶାସ୍ତ୍ରୀ ଓ ଦୀପକ ଭାଇ ପ୍ରମୁଖ ସହଯୋଗ କରିଥିଲେ। ପରେ ଅସହାୟ ମହିଳାମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉଦଯାପିତ

ଖୋର୍ଦ୍ଧା(ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସାତଦିନ ଧରି ଚାଲିଥିବା ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ରବିବାର ପୂର୍ବାହ୍ନରେ ଉଦଯାପିତ ହୋଇଯାଇଛି। ଏ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷକ ଭାବରେ ଗଣେଶ୍ୱର ମିଶ୍ର,ଅକ୍ଷୟ କୁମାର ମହାପାତ୍ର, ରତିକାନ୍ତ କହଲସିଂହ, ଶ୍ରୀ ନିବାସ ମିଶ୍ର, ହରେକୃଷ୍ଣ ପାଣିଗ୍ରାହୀ, ନଳିନୀକାନ୍ତ ପଣ୍ଡା, ଗୋରାଚାନ୍ଦ ରାୟ, ଜ୍ୟୋତି ମଣ୍ଡଳ, ବିଜୟ କୁମାର ମହାପାତ୍ର, ସନ୍ତୋଷ କୁମାର ମହାପାତ୍ର, ସନ୍ଧ୍ୟାରାଣୀ ପ୍ରଧାନ, ନିରଂଜନ ମହାପାତ୍ର, ଭିକାରୀ ଚରଣ ମିଶ୍ର ଓ ସ୍ୱର୍ଣ୍ଣଲତା ମାହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ମନ୍ଦିରର ଆଚାର୍ଯ୍ୟ/ଆଚାର୍ଯ୍ୟାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଜିର ଉଦଯାପନୀ ସମାରୋହରେ ଅନୁଷ୍ଠାନର ସଭାପତି ମାନସ ରଂଜନ ଦାଶଙ୍କ ପୌରୋହିତ୍ୟରେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗର ସଭାପତି ଶିକ୍ଷାବିତ କୁଳମଣି ମିଶ୍ର ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନେ ଆହରଣ କରିଥିବା ଜ୍ଞାନକୁ ଉପଯୋଗ କରି ଛାତ୍ରଛାତ୍ରୀ ମାନଙ୍କୁ ଉତମ ଭାବେ ପଢାଇବାରେ ସହାୟକ ହୋଇପାରିବ ବୋଲି ମତ ଦେଇଥିଲେ। ଏଥିରେ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି, ସହ-ସମ୍ପାଦକ ବଂଶୀଧର ପାଣିଗ୍ରାହୀ, ଉପ-ସଭାପତି ରାଜଶ୍ରୀ ପଣ୍ଡା ପଣ୍ଡା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ମନୋରଂଜନ ପଣ୍ଡା ପରିଚାଳନା କରିଥିଲେ।

## ଆନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ବୈଠକ



ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସଦର ମହକୁମାସ୍ଥିତ ପର୍ଯ୍ୟଟନସ୍ଥଳୀ ବରୁଣେଇର ପାଦଦେଶରେ ଆର୍ଜାତୀୟ ସୁରକ୍ଷା ସଙ୍ଗଠନର ବୈଠକ ଅନୁଷ୍ଠିତ ହୋଇଥିଲା। ଏ ନେଇ ସଙ୍ଗଠନ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ନିକଟରେ ଶକୁନ୍ତଳା ମାର୍କେଟ କମ୍ପେକ୍ସ ନୂତନ ଭାବରେ କାର୍ଯ୍ୟାଳୟ ଖୋଲିବା ସହ କର୍ମକର୍ତା ଚୟନ କରାଯାଇଥିଲା। ଏହି ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଅବହେଳିତ ଅସହାୟ ଲୋକ ମାନଙ୍କୁ ଆଇନ ସେବା କ୍ଷେତ୍ରରେ ସଠିକ ନ୍ୟାୟ ପାଇବା ପାଇଁ କାର୍ଯ୍ୟ କରିବା ସହ ସ୍ଥାନୀୟ ଅଂଚଳ ସମେତ ସାମାଜିକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସଙ୍ଗଠନକୁ ମଜଭୁତ କରିବେ ବୋଲି ନିଷ୍ପତି ନେଇଥିଲେ। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ମୀନକେତନ ପଟ୍ଟନାୟକ, ସର୍ବଭାରତୀୟ ଉପଦେଷ୍ଟା ପ୍ରତାପ ମିଶ୍ର, ଭୁବନେଶ୍ୱର ଟାଉନ ସଭାପତି ପଂଚାନନ ସାହୁ, ରାଜ୍ୟ ସଭାପତି ଜିତେନ୍ଦ୍ର ପାତ୍ର, ଜାତୀୟ ଗଣମାଧ୍ୟମ ସଂଯୋଜକ ସୁଧାଂଶୁ ଦେଓ, ଜାତୀୟ ପରାମର୍ଶଦାତା ଲକ୍ଷ୍ମଣ ଦାସ, ଜାତୀୟ ଉପଦେଷ୍ଟା କମାଣ୍ଡର ଲକ୍ଷ୍ମଣ ଦାସ, ରାଜ୍ୟ ସମ୍ପାଦକ କଲ୍ୟାଣ ମହାନ୍ତି, ରାଜ୍ୟ ମହିଳା ସମ୍ପାଦିକା ରେବତୀ ନାୟକ, ଖୋର୍ଦ୍ଧା ଜିଲ୍ଲା ସଭାପତି ଅବିନାଶ ନାୟକ, ଜିଲ୍ଲା ମହିଳା ସଭାପତି ସୁବ୍ରତା ବନ୍ଦୋପାଧ୍ୟାୟ, ଖୋର୍ଦ୍ଧା ଜିଲ୍ଲା ଉପଦେଷ୍ଟା ଦିବାକର ଭୋଇ, ବେଗୁନିଆ ବ୍ଲକ ସଭାପତି ବିଷ୍ଣୁ ଚରଣ ସାମନ୍ତରାୟ,ବ୍ଲକ ମହିଳା ସଭାପତି ଶାନ୍ତଲତା ରଣସିଂହ ଓ ସଭ୍ୟ ରୂପକାନ୍ତି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଦେବସ୍ନାନ ପୂର୍ଣ୍ଣିମାର ତାତ୍ପର୍ଯ୍ୟ

ଶ୍ରୀମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ। ଏହା ଜ୍ୟେଷ୍ଠପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୁଏ। ଏହା ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ନାମରେ ବିଦିତ।

"ଜ୍ୟେଷ୍ଠମାସି ସିତେ ପକ୍ଷେ ପୌର୍ଣ୍ଣମ୍ୟାଂ ଜଗଦୀଶ୍ୱରମ୍।
ସ୍ନାପୟେତ୍ତତୀର୍ଥତୋ ଯେନ ସର୍ବମଙ୍ଗଳ -ସିଦ୍ଧୟେ ॥"

ଏ ଜ୍ୟେଷ୍ଠ ପୂର୍ଣ୍ଣିମା ମଧ୍ୟ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ଦିବସ ବୋଲି 'ନୀଳାଦ୍ରି ମହୋଦୟ' ଷଷ୍ଠ ଅଧ୍ୟାୟରେ ଲିପିବଦ୍ଧ ହୋଇଛି।

"ସ୍ୱାୟଂ ଭୁବକୃତେ ତତ୍ର ଦର୍ଶେ ତବ ମଖାଞ୍ଚିତେ।
ଅବତୀର୍ଣଃ ସ୍ୱୟଂ ଜ୍ୟେଷ୍ଠ୍ୟାଂ ତତ୍ର ଜନ୍ମଦିନଂ ମମ ।
ତତ୍ ପୌର୍ଣ୍ଣମୀ ଦିନେ ଭୂପ ସ୍ନାନଂ ମେ କାର୍ଯ୍ୟମାଦରାତ୍।
ମହାସ୍ନାନ ବିଧୌ ଉକ୍ତ୍ୟା ଯଥାବିଧି ମହୋତ୍ସବୈଃ ॥"

ଏହି ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ଜଗନ୍ନାଥ, ବଳଭଦ୍ର , ସୁଭଦ୍ରା ଓ ସୁଦର୍ଶନ ଇତ୍ୟାଦି ଚତୁର୍ଦ୍ଧାମୂର୍ତ୍ତିମାନଙ୍କୁ ପହଣ୍ଡିବିଜେରେ ଆନନ୍ଦ ବଜାର ସ୍ଥିତ ସ୍ନାନମଣ୍ଡପ ବା ସ୍ନାନବେଦୀ ଉପରେ ବିରାଜମାନ କରାଯାଏ। ଏଠାରେ ସ୍ନାନ କରାଇ ଗଜାନନ ବା ହାତୀବେଶ କରାଯାଏ। ଏଠାରେ ସୂଚନା ଯୋଗ୍ୟ ଯେ ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ଆସିଥିବା ଶ୍ରୀ ଗଣପତି ଭଟ୍ଟଙ୍କୁ ଜିଉମାନେ ଏହି ଗଜାନନ ବେଶରେ ଦେଖାଦେଇଥିବାରୁ ତାଙ୍କରି ଉଦ୍ଦେଶ୍ୟରେ ସେବେଠୁ ଏହି ବେଶ ସ୍ନାନପୂର୍ଣ୍ଣିମା ଦିନ କରାଯାଏ। ଶ୍ରୀ ଭଟ୍ଟ ମହାଗଣ ପତ୍ୟ ସଂପ୍ରଦାୟର ଏବଂ ସେ ଜିଉମାନଙ୍କୁ ସେହି ବେଶରେ ଦେଖିବାକୁ ଇଚ୍ଛାକରିଥିଲେ। ଏହି ଗଜାନନ ବେଶ ପରେ ଭକ୍ତମାନଙ୍କୁ ଦର୍ଶନ ନିମନ୍ତେ ଛଡ଼ାଯାଏ। ଏ ସ୍ନାନଯାତ୍ରା ନିମନ୍ତେ କିଛି ବିଧି ନିଶ୍ଚିତ ଆଗରୁ କରାଯାଇଛି। ଏହି ବିଧିମତେ ଚତୁର୍ଦ୍ଧାମୂର୍ତ୍ତିମାନେ ସ୍ନାନ ମଣ୍ଡପରେ ଆସୀନ ହେଲାପରେ



ସୁବର୍ଣ୍ଣ କୂପରୁ ପବିତ୍ର ଜଳ ଆଣି ଜୀଉ ମାନଙ୍କୁ ସ୍ନାନ କରାଇ ଦିଆଯାଏ। ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ, ୨୨ଗରା ସୁଭଦ୍ରାଙ୍କୁ ଏବଂ ୧୮ଗରା ସୁଦର୍ଶନଙ୍କୁ ଏହିପରି ୧୦୮ଗରା ଜଳରେ ସ୍ନାନ କରାଯାଏ। ସ୍ନାନପରେ ଗୋପାଳ ତୀର୍ଥମଠରୁ ଆସିଥିବା ଦୁଇବାଡ଼ ଓ ରାଘବ ଦାସ ମଠରୁ ଆସିଥିବା ଦୁଇ ବାଡ଼ ଉପକରଣରେ ଯଥାକ୍ରମେ 'ବଳଭଦ୍ର ଓ ସୁଦର୍ଶନ' ଓ 'ଜଗନ୍ନାଥ ଓ ସୁଭଦ୍ରା'ଙ୍କୁ ଗଜାନନ ବେଶରେ ବିଭୂଷିତ କରାଯାଏ। ଏହି ବେଶରେ ଶ୍ରୀ ବଳଭଦ୍ର ଧବଳ ବେଶରେ ଓ କଳାଗଣେଶ ରୂପରେ ଜଗନ୍ନାଥ ଶୋଭାପାଆନ୍ତି। ଏହାପରେ କର୍ପୂର ଓ ଚନ୍ଦନ ଲାଗି କରାଯାଇ ଭୋଗ ଲାଗି କରାଯାଏ।ଏଠାରେ ସୂଚନାଯୋଗ୍ୟଯେ ଏହିଦିନ ମାତ୍ର ଗୋଟିଏ ଭୋଗ କରାଯାଏ। ଏଥୁ ଅନ୍ତେ ଭକ୍ତମାନଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯାଏ। ଏହାପରେ ରାତିରେ ଶ୍ରୀମନ୍ଦିରରେ ଜିଉମାନଙ୍କୁ ରତ୍ନ ସିଂହାସନ ଉପରେ ନ ବସାଇ ଏକାନ୍ତ ଭାବେ ଅଣସର ଘରେ ୧୫ ଦିବସାବଧି ଏବଂ ବିଧି ଅନୁଯାୟୀ ପୂଜା କରାଯାଏ। ଅଣସର ୧୫ ଦିନ ପାଇଁ ସର୍ବସାଧାରଣଙ୍କୁ ଜିଉ ମାନଙ୍କ ଦର୍ଶନ ନିଷେଧ କରାଯାଇଛି। ବାୟୁପୂରାଣରେ ଉଲ୍ଲେଖ୍ୟାନୁସାରେ:

"ତତଃ ପଞ୍ଚ ଦଶାହାନି ମମ ସ୍ନାନାଦନନ୍ତରମ୍।
ସ୍ୱରୂପାଂ ବା ବିରୂପାଂ ବା ନପଶ୍ୟେତ ପ୍ରତିମାଂ ମମ ॥"

ଅର୍ଥାତ୍ ମୋତେ କେହି ଏ ଅବସରେ ପନ୍ଦରଦିନ ଦର୍ଶନ କରିବେ ନାହିଁ। ଏହା ଜିଉମାନଙ୍କର ଗୋପନପୂଜା।

ଅଣସର ଗୃହ ଏକ ଆବଦ୍ଧ ଗୃହ। ଏହି ଆବଦ୍ଧ ଘରେ ମାତ୍ର ଦୀପଟିଏ ଜଳୁଥାଏ। ଏଠାରେ କେବଳ ଦଇତା ସେବକମାନେ ଅର୍ଥାତ୍ ବିଶ୍ୱବସୁଙ୍କର ବଂଶଧର ସେବାକାର୍ଯ୍ୟ କରନ୍ତି। ବର୍ଷକ ୧୨ ମାସ ମଧ୍ୟରୁ ପତି ମହାପାତ୍ର ବା ବ୍ରାହ୍ମଣମାନଙ୍କ ସେବା ୧୧ମାସ ଏବଂ ଦଇତାମାନଙ୍କ ସେବା ଏକମାସ ଯାହାକି ଆଷାଢ଼ କୃଷ୍ଣ ପ୍ରତିପଦାରୁ ଗୁଣ୍ଡିଚାପରେ ପୁନଶ୍ଚ ନିଳାଦ୍ରୀ ବିଜେ ଯାଏଁ କରାଯାଏ। ଜଗନ୍ନାଥ ସର୍ବ ଧର୍ମର ସମନ୍ୱୟକାରୀ ଠାକୁର। ସେ ଜାତି ଓ ଧର୍ମର ଉର୍ଦ୍ଧ୍ୱରେ। ତାଙ୍କ ପାଖରେ ଛୁଆଁ ଅଛୁଆଁର କୌଣସି ଭେଦଭାବ ନାହିଁ। ସେ ଆର୍ଯ୍ୟର ଦେବତା ଏବଂ ଅନାର୍ଯ୍ୟର ଦେବତା। ଏଣୁ ଏହି ଅଣସର ସେବାକାର୍ଯ୍ୟରେ ଦଇତାପତିମାନଙ୍କର ଯେଉଁ ଅଧିକାର ଥାଏ, ଏହା ଆର୍ଯ୍ୟ ଅନାର୍ଯ୍ୟର ସଂସ୍କୃତିର ମିଳନକୁ ବୁଝାଏ।

ଅଣସର ଦୁଇ ପ୍ରକାର : ସାଧାରଣ ଅଣସର ଯାହାକି ୧୫ଦିନ ପାଇଁ ପ୍ରତିବର୍ଷ ଗୁଣ୍ଡିଚାଯାତ୍ରା ପୂର୍ବରୁ କରାଯାଏ ଏବଂ ମହାଅଣସର ଯାହାକି ୪୫ଦିନ ପ୍ରତି ନବକଳେବର ପୂର୍ବରୁ ପାଳିତ ହୁଏ। ପ୍ରଥମଟିରେ ବିଗ୍ରହମାନଙ୍କର ପରିବର୍ତ୍ତନ ହୁଏ ନାହିଁ; କିନ୍ତୁ ଦ୍ୱିତୀୟଟିରେ ବିଗ୍ରହମାନଙ୍କର ପରିବର୍ତନ ହୁଏ ବୋଲି ଏହାକୁ ନବକଳେବର କୁହନ୍ତି।

କୁହାଯାଇଛି : ଯଥା ଦେହେ, ତଥା ଦେବେ। ଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣପିଣ୍ଡ। ସେ ଓଡ଼ିଆ ଜାତିର ନେତା, କର୍ତା ଏବଂ ତାଙ୍କଠି ମାନବତ୍ୱ ଆରୋପ କରାଯାଇଥିବାରୁ, ସେ ମାନବଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ତାଙ୍କୁ ପୁରୁଷୋତମ କୁହାଯାଏ। ମାନବ ଜୀବନ, ଜନ୍ମ, ଯନ୍ତ୍ରଣା, ରୋଗ, ଶୋକ ଏବଂ ମୃତ୍ୟୁ ସହିତ ପୂର୍ବ ବିବନ୍ଧିତ। ଏଣୁ ଜଗନ୍ନାଥ ଯେତେବେଳେ ମାନବ ବୋଲି କଳ୍ପିତ, ତେଣୁ ସେ ଏଥିରୁ ବଞ୍ଚିତ ହେବେ କିପରି। ତାଙ୍କୁ ବି ମଣିଷପରି ସବୁଦଶା ଭୋଗିବାକୁ ପଡ଼ିବ। ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନଂ।

ସ୍ନାନ ଜନିତ ଜ୍ୱର ଯୋଗୁଁ ଠାକୁରମାନଙ୍କୁ ଅଣସର ଘରେ ପୂର୍ଣ୍ଣ ବିଶ୍ରାମ ଦିଆଯାଏ ଏବଂ ତାଙ୍କର ଚିକିତ୍ସା କରାଯାଏ। ଏହି ବିଶ୍ରାମ ବେଳେ ସମ୍ପୂର୍ଣ୍ଣ ନିରବତା ରକ୍ଷା କରିବାକୁ ଦରକାର ହୋଇଥାଏ। କୋଳାହଳ ଏବଂ ଶବ୍ଦ ଦୂରରେ ରଖିବାପାଇଁ ତାଙ୍କର ଏହି ଗୁପ୍ତ ପୂଜା କରାଯାଏ। ଏହି ପୂଜାର ଅଧିକାରୀ କେବଳ ଦଇତାପତିମାନେ। ସେ ଜଗନ୍ନାଥଙ୍କର ଜ୍ୱରକାଳୀନ ସେବା ଏବଂ ଚିକିତ୍ସା କରନ୍ତି। ପଣାପାଣି, ଜଙ୍ଗଲର ଫଳମୂଳ ଓ ଚେରମୂଳି ଇତ୍ୟାଦି ଦିଅନ୍ତି। ଅଣସର ଗୃହରେ ଜିଉମାନେ ପୂଜିତ ହେଲାବେଳେ ବାହାରେ ପଟିଦେବତା, ଦଶ ଅବତାର ଠାକୁରମାନେ ରୀତିନୀତି ଅନୁସାରେ ପୂଜିତ ହୁଅନ୍ତି। ଏହି ଦଶଅବତାର ପଟ୍ଟଚିତ୍ରମାନେ ହେଲେ- ଜଗନ୍ନାଥଙ୍କ ପ୍ରତୀକ : ଚତୁର୍ଭୁଜ ନାରାୟଣ ଏବଂ ତାଙ୍କ ସମ୍ମୁଖରେ କୃଷ୍ଣ ଓ ମଦନମୋହନ; ବଳଭଦ୍ରଙ୍କ ପ୍ରତୀକ ପଟ୍ଟଚିତ୍ର : ବାସୁଦେବ ଏବଂ ତାଙ୍କ ସମ୍ମୁଖରେ ଅବସ୍ଥାପିତ ରାମ, ନୃସିଂହ ଏବଂ ଦୋଳଗୋବିନ୍ଦ; ସୁଭଦ୍ରାଙ୍କ ପ୍ରତୀକ : ଭୁବନେଶ୍ୱରୀ ଏବଂ ତାଙ୍କ ସମ୍ମୁଖରେ ମହାଲକ୍ଷ୍ମୀ ଓ ଶ୍ରୀଦେବୀ (ସରସ୍ୱତୀ) ଇତ୍ୟାଦି। ଅଣସର ପରେ ଏହି ଦଶାବତାରମାନେ ତିନିରଥରେ ଆଡ଼ପ ମଣ୍ଡପକୁ ଯାତ୍ରା କରନ୍ତି। ଏଣୁ ଗୁଣ୍ଡିଚାର ଅନ୍ୟନାମ ଆଡ଼ପ ଯାତ୍ରା ଏବଂ ଦଶାବତାର ଯାତ୍ରା। ଅଣସର ବେଳେ ଜୀଉମାନେ ଦର୍ଶନ ହୋଇ ପାରୁନଥିବା ହେତୁ ଭକ୍ତମାନେ ବାହାରେ ଏହି ପଟିଦେବତାମାନଙ୍କୁ ହିଁ ଦର୍ଶନ କରିଥାଆନ୍ତି।

ଅଣସର ଘରେ ଜିଉମାନଙ୍କୁ ଯେଉଁ ୧୫ଦିନ ରୁହନ୍ତି ସେଗୁଡ଼ିକର କାର୍ଯ୍ୟକ୍ରମକୁ ଏହି ମତେ ବର୍ଣ୍ଣନା କରାଯାଇଛି।

**କରାଳକର୍ମ :** ଠାକୁରମାନଙ୍କର ମରାମତି ଏବଂ ଅଙ୍ଗଫିଟା କର୍ମ ବୋଲି ଏହାକୁ କୁହାଯାଏ। ଏହା ଆଷାଢ଼ ପ୍ରତିପଦରୁ ଚତୁର୍ଥୀଯାଏଁ ଚାଲେ। ଏହି କର୍ମରେ ଠାକୁରମାନଙ୍କର ଅଙ୍ଗର ବସ୍ତ୍ରକୁ ଉତାରି କରାଳକାମ କରାଯାଏ ବୋଲି ଦର୍ଶନ ନିଷେଧ। ଏହାକୁ ଗୁପ୍ତ ନୀତି ବା ସେବା କୁହାଯାଏ।

**ଫୁଲୁରି ଓ ତେଲଲାଗି ସେବା :** ପଞ୍ଚମିରୁ ସପ୍ତମୀ ଯାଏଁ ଏହି ସେବା କରାଯାଏ। ଏହି ସେବାପାଇଁ ଆବଶ୍ୟକୀୟ ପଦାର୍ଥ ଯଥା ପିଙ୍ଗଳ, ପରଖ, ରାଶିତେଲ, ଚୂଆ ଏବଂ କର୍ପୂର ଇତ୍ୟାଦି ଯୋଗାଇଥାନ୍ତି ବଡ଼ ଓଡ଼ିଆ ମଠ। ଏସବୁ ମିଶ୍ରିତ କରାଇ ଠାକୁରମାନଙ୍କୁ ଲାଗି କରାଯାଏ। ଏହା ପୂର୍ବ ବର୍ଷ ହେରା ପଞ୍ଚମୀ ଠାରୁ ମାଟି ତଳେ ପୋତାହୋଇ ରଖାଯାଇଥାଏ।

**ପଟ୍ଟବନ୍ଧନ ବା ଶ୍ରୀ କପଡା ଉତ୍ସବ :** ଏହା ଅଣସର ଅଷ୍ଟମୀରେ କରାଯାଏ। ଏହିଦିନ ଜୀଉମାନଙ୍କୁ କପଡ଼ା ବନ୍ଧନ / ମଣ୍ଡନ କରାଯାଏ।

**ମସୃଣ ଲେପନ :** ଏହା ଅଣସରର ନବମୀଦିନ ପାଳିତ ହୁଏ। ଏହି ଦିନ ଜିଉମାନଙ୍କୁ ଚନ୍ଦନ, କର୍ପୂର, ରାଶିତେଲ ଏବଂ ଝୁଣା ଇତ୍ୟାଦି ଲେପନ କରାଯାଏ।

**ଚକାବିଜେ :** ଏହା ଅଣସରରର ଦଶମୀ ଉତ୍ସବ। ଏହିଦିନ ତିନୋଟି ପଥର ଚକତି ଉପରେ ଜିଉମାନଙ୍କୁ ଅବସ୍ଥାପିତ କରି କସ୍ତୁରୀ, କୁଙ୍କୁମ ଇତ୍ୟାଦି ଲେପନ କରାଯାଏ। ଏହି ଚକତି ମଧ୍ୟରୁ ଗୋଟିକରେ ଶ୍ରୀ ଜଗନ୍ନାଥ ଏବଂ ସୁଦର୍ଶନ ଏବଂ ଅନ୍ୟ ଗୋଟିଏ ଲେଖାଏଁରେ ବଳଭଦ୍ର ଓ ସୁଭଦ୍ରା ଅବସ୍ଥାପିତ ହୁଅନ୍ତି।

**ଚନ୍ଦନ ଲାଗି :** ଏହା ଅଣସରରେ ଏକାଦଶୀ ଦିନ ପାଳିତ ହୁଏ। ଏହି ଦିନ ଚନ୍ଦନ ସହ, କର୍ପୂର, ଚୂଆ ,କସ୍ତୁରୀ ଏବଂ କୁଙ୍କୁମ ଇତ୍ୟାଦି ମିଶ୍ରିତ ହୋଇ ଜୀଉମାନଙ୍କୁ ଲେପନ କରାଯାଏ। ଏଥିରେ ଚନ୍ଦନର ମାତ୍ରା ଅଧିକ ଥିବା ହେତୁ, ଏହାକୁ ଚନ୍ଦନ ଲାଗି କୁହନ୍ତି। ଖାଲି ସେତିକି ନୁହେଁ। ଜୀଉମାନଙ୍କ ଆରୋଗ୍ୟପାଇଁ ଦଶମୂଳ ମୋଦକ ମଧ୍ୟ ଲାଗିକରାଯାଏ।

**ଓଷାଲାଗି:** ଏହା ଅଣସରର ଦ୍ୱାଦଶୀଦିନ କଥା। ଠାକୁରମମାନଙ୍କୁ ଚନ୍ଦନ ଇତ୍ୟାଦି ଲେପନ କରାଯାଇ ପ୍ରାସାଦ ବିଜେ କରାଯାଏ।

**ଅଣସର ତ୍ରୟୋଦଶୀ :** ଏହିଦିନ ଜିଉମାନଙ୍କର ଘଣା ଲାଗି ଓ ପାଟବସ୍ତ୍ରର ପୟର ପୂଜା ହୁଏ।

**ଅଣସର ଚତୁର୍ଦ୍ଦଶୀ :** ଏହିଦିନ ବନକ ଲାଗି କରାଯାଏ ଏବଂ ଚକା ଅପସର ନୀତି ହୁଏ। ଏହାହିଁ ଅଣସରର ଶେଷ ଦିବସ।

**ଉଭା ଅମାବାସ୍ୟା :** ଏହା ଆଷାଢ଼ ଅମାବାସ୍ୟା କଥା। ଏହିଦିନ ଦର୍ଶନ ନିମନ୍ତେ ଠାକୁରମାନଙ୍କୁ ଉଭା କରାଯାଏ ବୋଲି , ଏହାର ନାମ ଉଭା ଅମାବାସ୍ୟା। ଏହିଦିନ ଜିଉମାନଙ୍କର ମଧ୍ୟ ନବଯୌବନ ଦର୍ଶନ କରାଯାଏ।

**ନେତ୍ରୋତ୍ସବ :** ନବଯୌବନ ଦର୍ଶନର ଦୁଇଦିନ ପୂର୍ବରୁ ଜିଉମାନଙ୍କର ରଙ୍ଗ କାମ କରାଯାଏ। ହେଲେ ସେତେବେଳେ ଆଖିର ରଙ୍ଗ ସମ୍ପୂର୍ଣ୍ଣ କଳା କରାନଯାଇ କିଛି ବାକି ଛଡ଼ାଯାଇଥାଏ। ଏହା ଆଷାଢ଼ ଶୁକ୍ଳ ପ୍ରତିପଦା ଅର୍ଥାତ୍ ଶ୍ରୀଗୁଣ୍ଡିଚା ପୂର୍ବଦିନ ପୂର୍ଣ୍ଣହୁଏ। ଏଣୁ ଏହାର ନାମ ନେତ୍ରୋତ୍ସବ। ଏହା ପରଦିନ ଜିଉମାନେ ଗୁଣ୍ଡିଚା ବିଜେ କରନ୍ତି।

**ଅନବସର ସଂପର୍କିତ କିଛି କାହାଣୀ -**

**କର୍ଣ୍ଣମାଗିରୀ :** କର୍ଣ୍ଣମାଗିରୀ ଜଣେ ବିଖ୍ୟାତ ତାନ୍ତ୍ରିକ। ସେ ଅଣସର ଘରର ରହସ୍ୟ ଜାଣିବା ପାଇଁ ଗୁପ୍ତରେ ଅନେକଥର ଅଣସର ଗୃହରେ ପ୍ରବେଶ କରିଥିଲେ ହେଁ ସେ ତାହାର ରହସ୍ୟ ଭେଦ କରିନପାରି ବାଉଳି ହୋଇଯାଇଥିଲେ। ଶେଷରେ ପ୍ରାଣ ବିକଳରେ ଅଣସର ଘରୁ ନିବୃତ୍ତି ନେଇ ରାଜାଙ୍କ ଶରଣାପନ୍ନ ହେଲେ ଏବଂ ତାଙ୍କ ଠାରୁ ଖଣ୍ଡିଏ ଜମି ମାଗି ପୁରୀରେ ମଠକରି ରହିଲେ।

**ଅଲାରବନ୍ଦାଚାର୍ଯ୍ୟ :** ଇଏ ଜଣେ ମହାରାଷ୍ଟ୍ରୀ। ଅଣସର ସମୟରେ ପୁରୀଆସି ଜିଉମାନଙ୍କୁ ଦେଖା ନପାଇବାରୁ ପ୍ରାଣ ବିସର୍ଜନ ନିମନ୍ତେ ସମୁଦ୍ରକୁ ଯାଉଯାଉ ବ୍ରହ୍ମଗିରୀଠାରେ ପହଞ୍ଚିଗଲେ। ସେଠରେ ସେ କାଠରେ ଅଗ୍ନି ସଂଯୋଗକ କରି ଆତ୍ମଉତ୍ସର୍ଗପାଇଁ ଉଦ୍ୟତବେଳେ ଜଗନ୍ନାଥ ତାଙ୍କୁ ଏକ ପଙ୍ଗୁରୂପେ ଦେଖାଦେଇ ଅଣସର ଘରର ବୃତ୍ତାନ୍ତ କହିଲେ। ଏହି ଅଣସର ଦିବସରେ ଅଲାରବନ୍ଦାଚାର୍ଯ୍ୟ ଜଗନ୍ନାଥଙ୍କୁ ବ୍ରହ୍ମଗିରୀଠାରେ ଦେଖାପାଇଥିବାରୁ, ଏଠାରେ ଜଗନ୍ନାଥଙ୍କୁ ଅଲାରନାଥ ରୂପେ ପୂଜା କରାଯାଏ। ଅଣସର ବେଳେ ଭକ୍ତମାନେ ବ୍ରହ୍ମଗିରୀ ଆସି ଅଲାରନାଥ ଦର୍ଶନ କରନ୍ତି।

**ରାଘବ ଦାସ :** ଅଣସର ସମୟରେ ମନ୍ଦିର ନିର୍ମାଣ ପାଇଁ ନରେନ୍ଦ୍ର ପୁଷ୍କରିଣୀ ନିକଟସ୍ଥ ଚାର ଗଣେଶଙ୍କ ପାଖରେ ଚାର ବନ୍ଧା ନିର୍ମାଣବେଳେ ଶବ୍ଦ ଓ ଗହଳି ଯୋଗୁଁ ଜିଉମାନଙ୍କର ଅଣସର ଜନିତ ବାଧା ସୃଷ୍ଟି ହୋଇଥିଲା। ତାହାର ପ୍ରତିକାର ସ୍ୱରୂପ ଚନ୍ଦନ ଲେପନ ରାଘବ ଦାସ ଏବଂ ଅନ୍ୟାନ୍ୟ ଶିଳ୍ପୀମାନେ କରିଥିବାରୁ, ସେହିଦିନଠାରୁ ଏହି ପ୍ରଥା ଚଳିଆସୁଛି ଓ ରାଘବ ଦାସ ମଠରୁ ଏକାଦଶୀ ଦିନ ସାଢ଼େ ସାତସେର ଚନ୍ଦନ ଆସି ଜିଉମାନଙ୍କୁ ଲାଗି ହେଉଛି।

**ମାଧବଦାସ :** ଏଇ ଜଣେ ଭକ୍ତ। ଅସୁସ୍ଥତା କାରଣ ହେତୁ କାହାକୁ କଷ୍ଟ ନ ଦେବାକୁ ଇଚ୍ଛା ନ କରି ସ୍ୱର୍ଗଦ୍ୱାରସ୍ଥ ଶ୍ମଶାନ ଘାଟରେ କାଳ ଯାପନ କରୁଥିଲେ। ସେଠାରେ ଜଗନ୍ନାଥ ଓ ବଳଭଦ୍ର ଦୁଇ ବାଳକ ରୂପରେ ଯାଇ ତାଙ୍କ ସେବା କଲେ। ସେ ଜିଉମାନଙ୍କର ପରିଚୟ ପାଇଲେ ଏବଂ ତାଙ୍କ ଠାରୁ ମୃତ୍ୟୁ କିମ୍ବା ଆରୋଗ୍ୟ ଭିକ୍ଷା କଲେ। ମାଧବ ଦାସ ଆରୋଗ୍ୟ ହେଲେ ଏବଂ ମନ୍ଦିରକୁ ଜିଉମାନଙ୍କର ଦର୍ଶନ ନିମନ୍ତେ ଆସିଲାବେଳକୁ ସେମାନେ ପୀଡ଼ିତ ଥାଇ ଅଣସର ଘରେ ସେବା ପାଉଛନ୍ତି ବୋଲି ଜାଣିଲେ। ସେ ଭାବିଲେ ବୋଧହୁଏ ଠାକୁରେ ତାଙ୍କ ସେବା କରି ଜ୍ୱରରେ କର୍ମକ୍ଲାନ୍ତ ଯୋଗୁଁ ପୀଡ଼ିତ ହୋଇଗଲେ। ଏହା ତାଙ୍କୁ ବାଧିଲା। ସେ ଚେତାହରାଇଲେ ଏବଂ ସ୍ୱର୍ଗପ୍ରାପ୍ତି ହେଲେ। ଏମିତି ଅନେକ କାହାଣୀ ଶୁଣାଯାଏ ଯାହାକି ଅଣସର ସମୟର ଚମତ୍କାରିତା ବିଷୟର ସୂଚିତ କରେ।

ଅଣସର ମାନବୋଚିତୋ ସେବା, ଶୁଶ୍ରୁଷ, ବିଶ୍ରାମ, ରୋଗ, ପଥି ଏବଂ ପାଞ୍ଚନ ଇତ୍ୟାଦିର ଠାକୁରମାନଙ୍କର ଏକ ନୀତି। ସୁସ୍ଥ ଶରୀରରେ ଶ୍ରମ ସାଧନ ହିଁ କରାଯାଏ ଏବଂ ପୁନଃ ଏହି ସୁସ୍ଥତା କାର୍ଯ୍ୟକ୍ଷମ ପାଇଁ ଶକ୍ତି ଯୋଗାଏ, ନବ ଉନ୍ମାଦନା ଏବଂ ପ୍ରେରଣା ଦିଏ ତଥା ପ୍ରଫୁଲ୍ଲତା ଦିଏ। ପରାର୍ଥେ ଏ ଜୀବନ। ଦେହ ଥିଲେ କାହାର ସେବା କରିହେବ। ଏଣୁ ଦେହ ଆଗ। ପ୍ରଭୁମାନଙ୍କର ଅଣସର ସେବା ଏହି 'ଦେହ ଆଗ'ର ଏକ ନିର୍ଦ୍ଦେଶନ। ଏହି ଦଇତାମାନଙ୍କ ସେବା ମଧ୍ୟ ସୂଚେଇ ଦିଏ ସେ ଜାତି, ଭେଦ ଏବଂ ସ୍ପର୍ଶ ଅସ୍ପର୍ଶର ଉର୍ଦ୍ଧ୍ୱରେ, ସେ ସମସ୍ତଙ୍କର। ଏଥିପାଇଁ ତାଙ୍କର ଅଣସର ଓ ରଥଯାତ୍ରାର ଏକ ଅଭିନୟ କଳ୍ପନା ତା' ମାୟା ତାକୁ ହିଁ ଗୋଚର। ଜୟ ଜଗନ୍ନାଥ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି



ଧର୍ମଶାଳା, (ପିଏନ୍): ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହିତ ବାପାଙ୍କର ଅଧୁରା କାର୍ଯ୍ୟକୁ ପୂରଣ କରିବା ପାଇଁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ଦାବି କରିଛନ୍ତି । ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବି ଶ୍ୟାମପ୍ରସାଦ ଦାଶ ଧର୍ମଶାଳାର ନବ ନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ କୁମାରୀ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ସାକ୍ଷାତ କରି ଅନୁରୋଧ କରିଛନ୍ତି । ଏହି ଅବସରରେ ନିର୍ବାଚନରେ ବିଜୟୀ ହୋଇଥିବାରୁ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେବା ସହିତ ଅଭିନନ୍ଦନ ଜଣାଇଥିଲେ । ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ନିମନ୍ତେ ଯାଜପୁରର ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ୧୦ ଲକ୍ଷ ଟଙ୍କା ମଞ୍ଜୁର କରିବା ସହିତ ବ୍ଲକ ପ୍ରଶାସନ ଆଉ ୧୦ ଲକ୍ଷ ଟଙ୍କା ବିନିଯୋଗ କରି ସ୍ୱର୍ଗଦ୍ୱାର ନିର୍ମାଣ କରିବାକୁ ୨୦୨୩ ଜୁଲାଇ ମାସରେ ଧର୍ମଶାଳା ବିଡିଓଙ୍କୁ ପତ୍ର ଲେଖିଥିଲେ । ଏହାପୂର୍ବରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଧର୍ମଶାଳା ତହସିଲ ପକ୍ଷରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ଅପରପାର୍ଶ୍ୱ ବ୍ରାହ୍ମଣୀ ନଦୀ ପଠାରେ ଅଢେଇ ଏକର ଜମି ଯୋଗେଇ ଦିଆଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନଥିବା ନେଇ ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ବିଧାୟକଙ୍କୁ ଅବଗତ କରାଇଥିଲେ । ସ୍ୱର୍ଗଦ୍ୱାର ମଞ୍ଜୁର ପ୍ରକଳ୍ପ ପତ୍ରର ଏକ ନକଲ କପି ବିଧାୟକଙ୍କୁ ପ୍ରଦାନ କରିବା ସହିତ ନିର୍ମାଣ କାର୍ଯ୍ୟ ତୁରନ୍ତ ଶୁଭାରମ୍ଭ କରିବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ । ସେହିପରି ଜାରକା ବସ୍ ଷ୍ଟାଣ୍ଡ ଠାରେ ଦୁଇଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାର ଟେଣ୍ଡର କାର୍ଯ୍ୟ ଏପର୍ଯ୍ୟନ୍ତ ହୋଇପାରିନଥିବା ଜଣାଇଥିଲେ । ଅରଙ୍ଗାବାଦ ଗ୍ରାମର ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ଠାରେ ସିଏଚ୍‌ସି ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଥିବା ବେଳେ ଏହି କାର୍ଯ୍ୟ ଏ ଯାଏ ହୋଇପାରିନଥିବା ଅବଗତ କରାଇଥିଲେ । ସେହିପରି ସ୍ୱର୍ଗତ ଲାବଣ୍ୟ ମିର୍ଜାପୁର ସ୍ଥିତ ବୌଦ୍ଧ ପର୍ଯ୍ୟଟନ କେନ୍ଦ୍ର ଲାଙ୍ଗୁଡି ନିକଟରେ ଏକ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା ପାଇଁ ୨୦୧୯ରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିବା ବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ନେଇ ଜଣାଇଥିଲେ । ବିଧାୟକ ଦାବି ଗୁଡିକ ଧୈର୍ଯ୍ୟର ସହିତ ଶୁଣିବା ସଙ୍ଗେ ସଙ୍ଗେ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟାଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼–ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟନ୍ତ ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା । ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେନ୍ତାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା । ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛନ୍ତି । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ । ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ । ଯାଜପୁର–କେନ୍ଦୁଝର – ରାଉରକେଲା–ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ । ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛନ୍ତି । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି–ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି–ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ–ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ଓ୍ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ଓ୍ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ରତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Sunday June 23, 2024 ଭୁବନେଶ୍ୱର ରବିବାର, ଜୁନ ୨୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ପାରଳାଖେମୁଣ୍ଡି ରଥଯାତ୍ରା ପାଳନ କମିଟିର ଅଜବ ନୀତି

ପାରଳାଖେମୁଣ୍ଡି,(ପି.ଏନ): ପାରଳାଖେମୁଣ୍ଡି ରଥଯାତ୍ରା ପାଳନ କମିଟିର ଅଜବ ନୀତି ନୀତି ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି. ରଥଯାତ୍ରା ପାଳନ ଅବସରରେ ଅନ୍ନଭୋଗ କମିଟିରେ ଜଣେ ମୃତ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ କିପରି ରଖାଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚ୍ୀ ସୃଷ୍ଟି କରିଛି. ଘଟଣାରୁ ପ୍ରକାଶ, ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରଥଯାତ୍ରା କମିଟିର ଏକ ଉପ-କମିଟିରେ ଜଣେ ମୃତ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ରହିଛି । ଯେଉଁ ବ୍ୟକ୍ତିଙ୍କ ନାମ ରହିଛି ସେ ହେଉଛନ୍ତି ଜି.ଭେଙ୍କଟ ରମଣା ଯିଏକି ପାରଳାଖେମୁଣ୍ଡି ପୌରପରିଷଦର ୱାର୍ଡ ନମ୍ବର ୬ ର କାଉନସିଲର ଥିଲେ । ଗତ ତା.୨୨.୧୧.୨୦୨୩ରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ଗତ ତା.୨୨.୦୫.୨୦୨୪ରିଖରେ



ୟୁନିୟନ ବ୍ୟାଙ୍କର ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ସଭାଗୃହରେ ଚ଼ଳିତ ବର୍ଷର ରଥଯାତ୍ରା ନିମନ୍ତେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୦.୩୦ଘଣ୍ଟା ସମୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ବିଭିନ୍ନ ପ୍ରକାର କମିଟ ଯଥା ରଥନିର୍ମାଣ କମିଟି, ମୀନାବଜାର ଟେଣ୍ଡର କମିଟି, ସୁଖୁଲା ଭୋଗ କମିଟି, ଅନ୍ନ ଭୋଗ କମିଟି, ଦାନ କମିଟି ଆଦି ଉପ-କମିଟି ଗୁଡିକ ଗଠନ ହୋଇଥିଲା । ତେବେ ଉକ୍ତ କମିଟିର ସମ୍ପାଦକ ତଥା ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ଦସ୍ତଖତ ସମ୍ବଳିତ ପ୍ରୋସିଡିଙ୍ଗ ଚ଼ିଠା ସଦସ୍ୟମାନଙ୍କୁ ଦିଆଯାଇଥିବା ପତ୍ର ସଂଖ୍ୟା ନମ୍ବର ୪୨୫ ତା.୨୮.୦୫.୨୦୨୪ରିଖରେ ପ୍ରଦାନ କରାଯାଇଛି । ବିଡମ୍ବନାର ବିଷୟ ଏହିକି ଯେ, ଅନ୍ନଭୋଗ କମିଟିରେ ମୃତ କାଉନସିଲର ଜି.ଭେଙ୍କଟ ରମଣାଙ୍କ ନାମ ଉଲ୍ଲେଖ ରହିଛି । ତେବେ ଆଶ୍ଚର୍ଯ୍ୟର ବିଷୟ ଜଣେ ମୃତ ବ୍ୟକ୍ତି ତଥା ନିର୍ବାଚ଼ିତ ପ୍ରତିନିଧି ମୃତ୍ୟୁବରଣ କରିଥିଲେ ସୁଦ୍ଧା କିଭଳି ତାଙ୍କ ନାମ ସମ୍ପୃକ୍ତ ଉପ କମିଟିରେ ରହିଲା ତାହା ରଥଯାତ୍ରା କମିଟିର କାର୍ଯ୍ୟକଳାପ ପ୍ରତି ପ୍ରଶ୍ନବାଚ଼ୀ ସୃଷ୍ଟି କରୁଛି । ଏଭଳି ଆଚ଼ରଣ ଦେଖାଇବା ଅପମାନର ବିଷୟ ବୋଲି ବିଭିନ୍ନ ମହଲରେ ଚ଼ର୍ଚ୍ଚା ହେଉଛି

# ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ଜଗତସିଂହପୁର,(ପି.ଏନ): ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୧୩୪ତମ ଶ୍ରାଦ୍ଧବାର୍ଷିକ ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ପାଳିତ ହୋଇଯାଇଛି । ଏହି ସଭାରେ ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗଙ୍ଗାଧର ଦାଶ ଯୋଗଦେଇ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ , ଶିକ୍ଷାବିତ୍ , ସମାଜ ସଂସ୍କାରକ ତଥା ସୁଲେଖକ ଭାବେ ସ୍ୱର୍ଗତ ବିନୋଦ କାନୁନଗୋ ସୁପରିଚିତ ଥିଲେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ,



ଜ୍ଞାନମଣ୍ଡଳର ପ୍ରଣେତା ଭାବେ ବିନୋଦ କାନୁନ୍‌ଗୋ ସବୁଦିନ ପାଇଁ ଓଡିଆ ଜାତିର ଚିରନମସ୍ୟ ହୋଇ ରହିବେ । ଏଥିସହିତ ବିଜ୍ଞାନ ଓ ବୈଷୟିକଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ରମାକାନ୍ତ ସାମନ୍ତରାୟ, କୈଳାସ ପତି, ରମେଶ ସାହୁ ଓ ରବିନ୍ଦ୍ରନାଥ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କ ପାଇଁ ବିନୋଦ କାନୁନ୍‌ଗୋଙ୍କ ରଚିତ ପୁସ୍ତକ ପିଲାଙ୍କ ଜୟପ୍ରକାଶ, ପିଲାଙ୍କ ପଟେଲ, ଆଚାର୍ଯ୍ୟ ହରିହର, ଛାତିକି ପଥର କରି , ଗାନ୍ଧିକଥା ଓ ମୁଠାଏ ଲୁଣ ଗୋଟାଏ ସାମ୍ରାଜ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।

# ନବ ନିର୍ବାଚ଼ିତ ବିଧାୟକ ଅଶୋକ ଦାସଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ବାସୁଦେବପୁର,(ପି.ଏନ): ସମାପ୍ତ ହୋଇ ଯାଇଛି ସାଧାରଣ ନିର୍ବାଚ଼ନ। ଚ଼ଳିତ ନିର୍ବାଚ଼ନ ରେ ବିଜେଡ଼ି ଓ ବିଜେପି ପ୍ରାର୍ଥୀ ଙ୍କୁ ପରାସ୍ତ କରି ଦୀର୍ଘ ୩୫ ବର୍ଷ ପରେ କଂଗ୍ରେସ ଦଳ କ୍ଷମତା କୁ ଫେରିଛି। ବିଧାୟକ ଭାବେ ଅଶୋକ କୁମାର ଦାସ ନିର୍ବାଚ଼ିତ ହୋଇ ବିଧାନ ସଭା ରେ ଶପଥ ପାଠ ନେଇ ସାରି ଛନ୍ତି। ଅଶୋକ କୁମାର ଦାସ ଙ୍କ ବିଜୟ ପରେ ବାସୁଦେବପୁର ରେ ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳନ ହୋଇ ଯାଇଛି। ଶୁକ୍ରବାର ଦିନ ବାସୁଦେବପୁର ପୌର ପରିଷଦ ଅନ୍ତର୍ଗତ ନୀଳ ମଣି ମାର୍କେଟ କମ୍ପ୍ଲେକ୍ସ ଆଗ ରେ ନବ ନିର୍ବାଚ଼ିତ ବିଧାୟକ ଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଏକ ବିଶାଳ ଜନସମାଗମ ରେ ଶୋଭାଯାତ୍ରା ପଦ୍ମ ପୁର ରୁ ବାହାରି ବିଭିନ୍ନ ସ୍ଥାନ ବୁଲି ବାସୁଦେବପୁର କୁ ଆସିଥିଲା। ବାସୁଦେବପୁର ବଜାର ରେ ମଧ ଏକ



ବିରାଟ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଥିଲା। ପରେ ବ୍ଲକ୍ ସଭାପତି ରମେଶ ଚ଼ନ୍ଦ୍ର ବଳ ଙ୍କ ସଂଯୋଜନା ରେ ସଭା କାର୍ଯ୍ୟ ଆୟୋଜିତ ହୋଇ ଥିଲା । ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ମହିଳା ନେତ୍ରୀ ମଞ୍ଜୁଲତା ପଣ୍ଡା, ଆରତୀ ବିଶ୍ୱାଳ, ବିଜୟ ମହାନ୍ତି, ରତ୍ନାକର ମଲ୍ଲିକ, ସୁବାସ ସନ୍ଧି ବିଗ୍ରହ, ବ୍ଲକ୍ ଯୁବ କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ।ନବ ନିର୍ବାଚ଼ିତ ବିଧାୟକ ଅଶୋକ କୁମାର ଦାସ ଏ ବିଜୟ ସମସ୍ତ ବାସୁଦେବପୁର ବାସୀ ଙ୍କ ବିଜୟ ବୋଲି କହିବା ସହ ବାସୁଦେବପୁର ର ସମସ୍ତ ଜନ ସାଧାରଣ ଙ୍କ ମଙ୍ଗଳ କାମନା କରିଥିଲେ। ଦଳ ମତ ନିର୍ବିଶେଷରେ ସମସ୍ତ ଙ୍କ ପାଇଁ କାର୍ଯ୍ୟ କରିବା ସହ ଏକ ଅଭିଯୋଗ ପ୍ରକୋଷ୍ଠ କରାଯିବ ଓ ବାସୁଦେବପୁର ଜନ ସାଧାରଣ ନିଜ ର ଅଭିଯୋଗ ସେଇଥିରେ ଦେବେ ଓ ସେ ସରକାରୀ ଅଫିସର ମାନଙ୍କ ସହ ଆଲୋଚ଼ନା କରି ସମାଧାନ କରିବେ ବୋଲି କହିଥିଲେ। ଆୟୋଜିତ୍ ଏହି ସମ୍ବର୍ଦ୍ଧନା ଉତ୍ସବରେ ରେ ହଜାର ହଜାର ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ବ୍ୟାଙ୍କ୍ ଶାଖା ପରିଚ଼ାଳିକାଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଚ଼ଣ୍ଡିଖୋଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧିନ ଜେନାପୁର ପଞ୍ଚାୟତସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ଜେନାପୁର ଶାଖାର କର୍ମଚ଼ାରୀମାନଙ୍କ ତରଫରୁ ବ୍ୟାଙ୍କ୍ ଶାଖା ପରିଚ଼ାଳିକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜେନାପୁର ଶାଖା ପରିଚ଼ାଳିକା ପ୍ରାଚ଼ୀ ପ୍ରଜ୍ଞା ପିଙ୍ଗ୍ ସେ ୨୦୧୮ ମସିହାରୁ ଓଜିବି ଜାରକା ଶାଖାରେ ପ୍ରଥମ କରି ବ୍ୟାଙ୍କ୍ ନିଯୁକ୍ତି ରେ ଯୋଗ ଦେଇଥିଲେ । ସେ ଦୀର୍ଘ ୪ ବର୍ଷ ଧରି ଜାରକା ଶାଖାରେ ଉନ୍ନତ କାର୍ଯ୍ୟକରି ଜେନାପୁର ଶାଖାକୁ ଶାଖା ପରିଚ଼ାଳିକା ଭାବେ ୨୦୨୩ ବଦଳି ହୋଇଥିଲେ । ସେ




ଜେନାପୁର ଶାଖାରେ ଦେଢ ବର୍ଷ ଧରି କାର୍ଯ୍ୟ କରିବା ସହ ବିଭିନ୍ନ ବିଭାଗରେ ପରୀକ୍ଷା ଦେଇ ଜଙ୍ଗଲ ବିଭାଗର ଅଧିକାରୀ ଭାବେ ସଫଳତା ପାଇଥିଲେ । ସେ ବ୍ୟାଙ୍କ୍ ଚ଼ାକିରୀକୁ ବିଦାୟ ଦେଇ ଅନ୍ୟ ବିଭାଗରେ ଅଧିକାରୀ ହୋଇଥିଲେ ।ସେ ଜଣେ ସଚ୍ଚୋଟ,ନିର୍ଭିକ,ସରଳ ଓ ଉଦାରବାଦି ମଣିଷ ଥିଲେ । ତାଙ୍କର ବ୍ୟାବହାର କାର୍ଯ୍ୟ କରିବା ଶୈଳି ଏ ଅଞ୍ଚଳରେ ବେଶ୍ ପ୍ରଶଂସାର ପାତ୍ର ହୋଇପାରିଥିଲେ । ଏଥିରେ ବ୍ୟାଙ୍କ୍ କର୍ମଚ଼ାରୀ ସହ ପରିଚ଼ାଳକ ସାଗର ମହାରଣା,କୋଷାଦକ ସ୍ୱାମି ନାୟକ,ମାନସ ରଞ୍ଜନ ପ୍ରଧାନ,ନିଷ୍କାନ୍ତ ଖଟୁଆ,ବିଚ଼ିତ୍ର କୁମାର ଭଦ୍ର,ଗୋବିନ୍ଦ ଚ଼ନ୍ଦ୍ର ପୃଷ୍ଟି ଏବଂ ଅବସରପ୍ରାପ୍ତ କର୍ମଚ଼ାରୀ ସୁଧିର ପ୍ରଧାନ,ଅଲୋଖ ଓଝା ଓ ରମେଶ ଚ଼ନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦକ୍ଷିଣ ଓଡ଼ିଶାର ଶ୍ରୀକ୍ଷେତ୍ର ପାରଳାଖେମୁଣ୍ଡି ଦେବସ୍ନାନ ପୂର୍ଣିମାରେ ଭକ୍ତଙ୍କ ଭିଡ଼ ଜମିଲା

ପାରଳାଖେମୁଣ୍ଡି,(ପି.ଏନ): ଦକ୍ଷିଣ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ପରିଚ଼ିତ ପାରଳାଖେମୁଣ୍ଡି ଠାରେ ଆଜି ପବିତ୍ର ଦେବସ୍ନାନ ପୂର୍ଣିମା ଅନୁଷ୍ଠିତ ହୋଇଯାଇଛି. ଆଜି ଭୋର ସକାଳୁ ସକାଳୁ ୩ ଠାକୁରଙ୍କ ମଙ୍ଗଳାଅର୍ପଣ, ମଙ୍ଗଳା ଆଳତୀ, ଅଧରା ପୋଛା ଆଦି ଯଥା ରୀତି ପୂଜା ପାଠ ସମ୍ପୂର୍ଣ କରାଯାଇଥିଲା। ଜଗନ୍ନାଥ ମନ୍ଦିର ପରିସରରୁ ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଥିବା ଦେବସ୍ନାନ ମଣ୍ଡପକୁ ନିଆ ଯାଇଥିଲା.ଦେବସ୍ନାନ ମଣ୍ଡପ ଠାରେ ତିନି ଠାକୁରଙ୍କୁ ବିଧି ବିଧାନ ଅନୁଯାଇ ସ୍ନାନ କରାଯିବା ସହ ପୂଜା ଅର୍ଚ୍ଚନା



କରାଯାଇ ଭକ୍ତଙ୍କ ଦର୍ଶନ ନିମନ୍ତେ ତିନି ଠାକୁରଙ୍କୁ ସାଜସଜ୍ଜା କରାଯାଇଥିଲା। ଆଜିର ଏହି ପବିତ୍ର ଦେବସ୍ନାନ ପୁର୍ଣିମା ପାଇଁ ପାରଳାଖେମୁଣ୍ଡି ବଡ଼ ଦାଣ୍ଡ ଓ ଜଗନ୍ନାଥ ମନ୍ଦିର ପରିସର ଅଞ୍ଚଳ ଚ଼ଳଚ଼ଞ୍ଚଳ ହୋଇଉଠିଥିଲା। ପାରଳାଖେମୁଣ୍ଡି ଠାରେ ଅନୁଷ୍ଠିତ ତିନି ଠାକୁରଙ୍କ ଏହି ଦେବସ୍ନାନ ପୁର୍ଣିମା ତିଥିରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ସମଗ୍ର ଗଜପତି ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ର ପ୍ରଦେଶରୁ ହଜାର ହଜାର ଭକ୍ତ ସମବେତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଗଜପତି ପ୍ରଶାସନ ଓ ପୋଲିସ ସଜାଗ ରହି ଦେବସ୍ନାନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray